ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୪୫, ଭୁବନେଶ୍ୱର: ନଭେମ୍ବର ୧୭-୨୩, ୨୦୨୫ Vol-16, Issue-45, Bhubaneswar : November 17-23, 2025

RNI NO.ODIODI/2010/33715

# ନୂଆପଡ଼ାରେ 'ଜୟ' ଜୟକାର

ଭୁବନେଶ୍ୱର: ନବୀନଙ୍କ କ୍ରେଜ୍‌ରେ ଲାଗିଲା ବ୍ରେକ୍। କାମ ଦେଲାନି ନବୀନଙ୍କ ଡବଲ ରାଲି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗ୍ୟାରେଣ୍ଟିରେ ବିଜେଡିର ଗଡ଼ ପୂରା ଚୂରମାର୍। ବିଜେଡି ହାତରୁ ଖସିଲା ନୂଆପଡ଼ା। ନୂଆପଡ଼ାରେ ଉଡ଼ିଛି ବିଜେପିର ବିଜୟ ବାନା। ଉପନିର୍ବାଚନରେ ବାଜିମାତ୍ କରିଛି ବିଜେପି। ନବୀନ ହାତ ହଲାଇଦେଲେ ବିଜେଡି ପ୍ରାର୍ଥୀ ଜିତିଯିବେ ବୋଲି କହିଆସୁଥିବା ନେତାଙ୍କ ଦର୍ପ ବି ଅବିଶ୍ୱନୀୟଭାବେ ଭାଙ୍ଗିଯାଇଛି। ବାଜି ମାରିନେଇଛନ୍ତି ଜୟ ଢୋଲ୍‌କିଆ। ନୂଆପଡ଼ା ନିର୍ବାଚନ ଇତିହାସରେ ସେ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଘାସିରାମ ମାଝୀଙ୍କ ଠାରୁ ଜୟ ୮୩ ହଜାର ୭୪୮ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ଼ କରିଛନ୍ତି। ତେଣୁ ନୂଆପଡ଼ାର ସବୁଠି 'ଜୟ'ଙ୍କ ଜୟଜୟକାର ଶୁଭୁଛି। ଜୟଙ୍କୁ ମୋଟ୍ ୧,୨୩,୮୬୯ ଭୋଟ୍ (୫୮.୨୭%) ମିଳିଛି, ଯାହାକି ରାଜ୍ୟରେ ବିଜେପି ପାଇଁ ଏକ ବୃହତ ବିଜୟ। ଏହି ରେକର୍ଡ଼ ବିଜୟ କେବଳ ଭୋଟ୍ ବ୍ୟବଧାନ ଦୃଷ୍ଟିରୁ ବଡ଼ ନୁହେଁ, ବରଂ ଓଡ଼ିଶା ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ସଙ୍କେତ ଦେଇଛି। ନୂଆପଡ଼ାର ଜନାଦେଶ ରାଜ୍ୟରେ ଦୀର୍ଘ ୨୪ବର୍ଷ ଧରି ଶାସନ କରିଥିବା ଏକନମ୍ବର ଦଳ ବିଜେଡିକୁ ତୃତୀୟ ସ୍ଥାନକୁ ଠେଲି ଦେଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଗଢ଼ାଯାଇଥିବା ରାଜ୍ୟ ସରକାର ପ୍ରଥମ ଉପନିର୍ବାଚନରେ ସମ୍ମୁଖୀନ ହୋଇ ସଫଳ ହୋଇଛନ୍ତି। ବିଜୟୀ ହେବା ପରେ ଜୟ ଢୋଲ୍‌କିଆ ନୂଆପଡ଼ାବାସୀଙ୍କ ଠାରେ କୃତଜ୍ଞ ବୋଲି ପ୍ରକାଶ କରି କହିଛନ୍ତି ବାପାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବି। ଆମ ନିର୍ବାଚନ ମଣ୍ଡଳୀକୁ ସାଧାରଣ ଜନତାଙ୍କ ପରାମର୍ଶରେ ନୂଆ ରୂପରେ ଗଢ଼ିବାକୁ ଚେଷ୍ଟା କରିବି ବୋଲି କହିଛନ୍ତି। ୨୦୦୯, ୨୦୧୪, ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡ଼ା ବିଧାନସଭା ଆସନରୁ କୌଣସି ପ୍ରାର୍ଥୀ ଜୟ ଢୋଲକିଆଙ୍କ ଭଳି ଲକ୍ଷେରୁ ଅଧିକ ଭୋଟ୍ ପାଇ ବିଜୟୀ ହୋଇ ନଥିଲେ। ଏମିତିକି କେହି ୧ ଲକ୍ଷ ପାଖାପାଖି ମଧ୍ୟ ପହଞ୍ଚି ନଥିଲେ। ସେହିଭଳି ୮୩ ହଜାରରୁ ଅଧିକ ଭୋଟ୍ ବ୍ୟବଧାନରେ ମଧ୍ୟ କେହି ଜିତି ନଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଜୟ ଢୋଲକିଆଙ୍କ ବାପା ରାଜେନ୍ଦ୍ର ଢୋଲକିଆ ନୂଆପଡ଼ା ଆସନରୁ ବିଜେଡିରୁ ପ୍ରାର୍ଥୀ ହୋଇ ୬୧,୮୨୨ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ଉପନିର୍ବାଚନରେ ମିଳିଛି ୩୮,୪୦୮ ଖଣ୍ଡ ଭୋଟ୍। ଅର୍ଥାତ୍ ଦଳ ଆହୁରି ୨୩, ୪୧୪ ଖଣ୍ଡ ଭୋଟ୍ ହରାଇଛି। ନିଶ୍ଚିତ ଭାବେ ଏହା ଦଳ ପାଇଁ ଏକ ବଡ଼ ଧକ୍କା।



ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆରଏସ୍ ଗୋପାଳନ କହିଛନ୍ତି ଯେ ପ୍ରଥମେ ସକାଳ ୮ରେ ପୋଷ୍ଟାଲ ବାଲାଟ୍ ଗଣାଯାଇଥିବାବେଳେ ସକାଳ ସାଢ଼େ ୮ରେ ୩୫୮ ବୁଥ୍‌ର ଇଭିଏମ୍ ଗଣତି ଆରମ୍ଭ ହୋଇଥିଲା। ଏଥିପାଇଁ ୧୪ଟି ଟେବୁଲ୍‌ରେ ତାଲିମପ୍ରାପ୍ତ କର୍ମଚାରୀ ୨୯ଟି ରାଉଣ୍ଡରେ ଭୋଟ୍ ଗଣତି କରିଥିଲେ। ପ୍ରଥମ ରାଉଣ୍ଡ ଭୋଟ୍ ଗଣତିରୁ ହିଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଆଗୁଆ ଥିଲେ। ୨୯ ରାଉଣ୍ଡ ଗଣତି ପରେ ସେ ମୋଟ୍ ୧ ଲକ୍ଷ ୨୩ ହଜାର ୮୬୯ ଭୋଟ୍ ପାଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା କଂଗ୍ରେସର ଘାସିରାମ ମାଝୀ ୪୦, ୧୨୧ ଖଣ୍ଡ ଭୋଟ୍ ଓ ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ୩୮,୪୦୮ ଖଣ୍ଡ ଭୋଟ୍ ପାଇଛନ୍ତି। ତେବେ ମୁଖ୍ୟ ବିରୋଧୀ ଦଳ ବିଜେଡି ପାଇଁ ଏହି ନିର୍ବାଚନ ଏକ ବଡ଼ ଝଟକା ସାବ୍ୟସ୍ତ ହୋଇଛି। ଦଳର ପୂର୍ବତନ ବିଧାୟିକା ତଥା ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ମାତ୍ର ୩୮,୪୦୮ ଭୋଟ୍ (୧୮.୦୭%) ମିଳିଛି, ଯାହା ତାଙ୍କୁ ତୃତୀୟ ସ୍ଥାନରେ ରଖିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦୁଇ ଦୁଇଥର ନୂଆପଡ଼ା ଯାଇ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା, ଦଳର ଶତାଧିକ ନେତା ଗ୍ରାଉଣ୍ଡ ମ୍ୟାନେଜମେଣ୍ଟ କରିବା ପରେ ମଧ୍ୟ ଜିଲ୍ଲା ବାହାର ପ୍ରାର୍ଥୀଙ୍କୁ ନୂଆପଡ଼ାବାସୀ ଗ୍ରହଣ କରିନଥିବା ସ୍ପଷ୍ଟ ହୋଇଛି। ଏହି ଜନାଦେଶ ଦଳର ପାରମ୍ପରିକ ଭୋଟକୁ ଦଳଠୁ ଛଡ଼ାଇ ନେଇଛି। ଏହି ଉପନିର୍ବାଚନରେ ଚତୁର୍ଥ ସ୍ଥାନରେ ରହିଛି ବା ଉପରୋକ୍ତ (ପ୍ରାର୍ଥୀ) ମାନଙ୍କ ମଧ୍ୟରୁ କେହି ନୁହନ୍ତି। ନୋଟା ସପକ୍ଷରେ ୨୨୪୮ ଖଣ୍ଡ ଭୋଟ୍ ପଡ଼ିଛି। ପଞ୍ଚମ ସ୍ଥାନରେ ରହିଛନ୍ତି ସ୍ୱାଧୀନ ପ୍ରାର୍ଥୀ ଲୋଚନ ସିଂହ ମାଝୀ। ସେ ୨୧୩୭ ଖଣ୍ଡ ଭୋଟ୍ ପାଇଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ଲକ୍ଷ୍ମୀକାନ୍ତ ତାଣ୍ଡି ୧୩୨୨ ଖଣ୍ଡ ଭୋଟ୍ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ କିଶୋର କୁମାର ବାଗ ୭୪୩, ଭୁବନଲାଲ ସାହୁ ୭୨୧, ହେମନ୍ତ ତାଣ୍ଡି ୬୬୨, ଚକ୍ରାନ୍ତ ଜେନା ୫୨୯, ଭକ୍ତବନ୍ଧୁ ଧରୁଆ ୫୧୧, ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ ୪୮୯, ସ୍ୱାଧୀନ ପ୍ରାର୍ଥୀ ନୀତା ବାଗ ୪୭୪, ଆଶ୍ରୟ ମହାନନ୍ଦ ୧୯୧ ଓ ଓଡ଼ିଶା ଜନତା ପାର୍ଟିର ସୁଧାକର ଦଣ୍ଡସେନା ୧୬୭ ଖଣ୍ଡ ଭୋଟ୍ ପାଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡ଼ା ବିଧାନସଭା ଆସନରେ ବିଜୟୀ ହୋଇଥିଲେ ବିଜେଡି ପ୍ରାର୍ଥୀ ତଥା ଜୟ ଢୋଲକିଆଙ୍କ ବାପା ରାଜେନ୍ଦ୍ର ଢୋଲକିଆ। ତେବେ ତାଙ୍କ ମୃତ୍ୟୁ ପରେ ଏହି ଉପନିର୍ବାଚନ କରାଯାଇଥିଲା।

## ଏଣିକି ସହଜ ହେବ ପଟ୍ଟା ସଂଶୋଧନ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜମି କ୍ରେତା-ବିକ୍ରେତାଙ୍କ ସମସ୍ୟାକୁ ଦୂର କରିବା ପାଇଁ ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ରୁଲ୍‌ସର ସଂଶୋଧନ ପାଇଁ ଅନୁମୋଦନ ଦେଇଛନ୍ତି। ବର୍ତ୍ତମାନ ପ୍ରାବଧାନ ଅନୁସାରେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣିଥିବା ଜମିର ଜମି ପଟ୍ଟା ବନ୍ଦୋବସ୍ତ ଅଧିକାରୀ କ୍ରେତାଙ୍କ ନାମରେ କରନ୍ତି। କିନ୍ତୁ ଯଦି କୌଣସି କାରଣ ଯୋଗୁଁ ବନ୍ଦୋବସ୍ତ ପ୍ରକ୍ରିୟାରେ ଏହି ଜମିପଟ୍ଟା କ୍ରେତାଙ୍କ ନାମରେ କରାଯାଇ ନଥାଏ, ତେବେ କ୍ରେତା ଏଥିପାଇଁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ୍ କରିଥାନ୍ତି। ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ ଏହି ଅପିଲଗୁଡ଼ିକ ବର୍ଷ ବର୍ଷ ଧରି ଫଇସଲା ନହୋଇ ପଡ଼ିରହିଥାଏ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ଉପରୋକ୍ତ ରୁଲ୍ ସଂଶୋଧନ ଦ୍ୱାରା ବର୍ତ୍ତମାନ ଏପରି ମାମଲାରେ ଜମିପଟ୍ଟା କ୍ରେତାଙ୍କ ନାମରେ ରେକର୍ଡ କରିବା ପାଇଁ ସଂପୃକ୍ତ ତହସିଲଦାର ମାନେ କ୍ଷମତାପ୍ରାପ୍ତ ହେବେ। ଏହାଦ୍ୱାରା ସଂପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ଜମିପଟ୍ଟା ନିଜ ନାମରେ କରିବା ପାଇଁ ସଂପୃକ୍ତ ତହସିଲଦାରଙ୍କ ପାଖରେ ଆବେଦନ କରିପାରିବେ। ସେମାନଙ୍କୁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ ବା ଆବେଦନ କରିବା ଆଉ ଦରକାର ହେବ ନାହିଁ। ଏହି ସଂଶୋଧନ ଫଳରେ ରାଜ୍ୟରେ ଭୂସମ୍ପତ୍ତି ମାଲିକାନା ବ୍ୟବସ୍ଥାରେ ଏକ ବଡ଼ଧରଣର ସୁଧାର ଆସିପାରିବ। ତହସିଲସ୍ତରରେ କ୍ଷମତା ପ୍ରଦାନ କରାଯିବାରୁ ସାଧାରଣ ଲୋକଙ୍କୁ ଆଉ ସେମାନଙ୍କ ଜମିଜମା ପାଇଁ ଦୂର ସ୍ଥାନକୁ ଯିବାକୁ ପଡ଼ିବ ନାହିଁ ତଥା ଗ୍ରାମାଞ୍ଚଳ ଓ ସହରାଞ୍ଚଳର ହଜାର ହଜାର ଜମି କ୍ରେତାଙ୍କୁ ମଧ୍ୟ ଏହା ଆଶ୍ୱସ୍ତି ଆଣିଦେବ।

## ବିକାଶ ପାଇଁ ଭୋଟ୍: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ନୂଆପଡ଼ା ବିଜୟ ବିକାଶ ପାଇଁ ଭୋଟ୍। ବିକାଶ ହିଁ ବିଶ୍ୱାସ ଓ ବିକାଶ ହିଁ ପ୍ରଗତିର ନନ୍ଦିଘୋଷ। ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଢ଼ିବାରେ ନୂଆପଡ଼ାବାସୀ ଭାଗିଦାରୀ ହୋଇଛନ୍ତି। ଲୋକଙ୍କ ସରକାରରେ ଗତ ୧୬ ମାସ ଧରି ସ୍ୱଚ୍ଛ ଶାସନ ଓ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବାରେ ଡବଲ ଇଞ୍ଜିନ ସରକାର ସଫଳ ହୋଇଛି। ଟ୍ରିପଲ ଇଞ୍ଜିନ ସରକାର ଗଢ଼ିବା ପାଇଁ ଆମେ ଯେଉଁ ଆହ୍ୱାନ ଦେଇଥିଲୁ, ସେଥିରେ ନୂଆପଡ଼ାବାସୀ ସାମିଲ ହୋଇଛନ୍ତି। ବିଜେପି ସରକାରରେ ହିଁ ନୂଆପଡ଼ାର ବିକାଶ ହେବା ବୋଲି ନୂଆପଡ଼ାବାସୀ ବୁଝିପାରିଛନ୍ତି। ମିଥ୍ୟା ପ୍ରଚାର ଓ ମିଥ୍ୟା ସ୍ୱପ୍ନର ଚିତ୍ରକୁ ଦେଖି ବାଟବଣା ହେବାର ସମୟର ଯୁଗ ଶେଷ ହୋଇଛି ବୋଲି ଆଜି ନୂଆପଡ଼ାବାସୀ ପ୍ରମାଣିତ କରିଛନ୍ତି। ନୂଆପଡା ଉପନିର୍ବାଚନରେ ବିଜୟୀ ପାଇଁ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ବିଜୟ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏହା କହିଛନ୍ତି। ଏହାଛଡ଼ା ମୁଖ୍ୟମନ୍ତ୍ରୀ ନୂଆପଡ଼ାବାସୀ ବହୁଳ ସଂଖ୍ୟାରେ ରେକର୍ଡ ପରିମାଣରେ ନିଜ ମତଦାନ ସାବ୍ୟସ୍ତ କରିଥିବାରୁ ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଫଳାଫଳ ରାଜ୍ୟରେ ରାଜନୈତିକ ମୋଡ଼ ବଦଳାଇଛି ବୋଲି କହିବା ସହ ଆଜିର ଐତିହାସିକ ବିଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ନେତୃତ୍ୱ ସହିତ ଆମ ସରକାରର ଜନକଲ୍ୟାଣକାରୀ ଯୋଜନା ଏବଂ ସ୍ୱଚ୍ଛ ଶାସନ ଓ ପ୍ରଶାସନକୁ ପ୍ରତିଫଳିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବିଜୟ ଉତ୍ସବରେ ରାଜ୍ୟ ସଭାପତି ମନମୋହନ ସାମଲ ବିଜେପି ସରକାରର କାର୍ଯ୍ୟକଳାପରେ ଆସ୍ଥା ପ୍ରକଟ କରି ନୂଆପଡ଼ାବାସୀ ଏହି ଉପନିର୍ବାଚନରେ ଆମ ସହିତ ଖୁଣ୍ଟ ଭଳି ଛିଡ଼ା ହୋଇ ରହିଲେ ବୋଲି କହିଥିଲେ। ଏହି ଅବସରରେ ଶ୍ରୀ ସାମଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇବା ସହିତ ପରସ୍ପରକୁ ମିଠା ଖୁଆଇଥିଲେ।

## 'ଲଢ଼େଇ ଜାରି ରହିବ'

**ଭୁବନେଶ୍ୱର:** ନୂଆପଡ଼ାରେ ଦଳ ତୃତୀୟ ସ୍ଥାନରେ ରହିବା ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଟ୍ୱିଟ୍ ମାଧ୍ୟମରେ କହିଛନ୍ତି ଯେ ପରାଜୟ ସତ୍ତ୍ୱେ ଲଢ଼େଇ ଜାରି ରହିବ ଓ ଲୋକଙ୍କ ବିଶ୍ୱାସ ଆମ ପାଇଁ ପ୍ରଥମ ବୋଲି କହିଛନ୍ତି । ନିର୍ବାଚନରେ ଏକଜୁଟ୍ ହୋଇ ଅକ୍ଳାନ୍ତ ପରିଶ୍ରମ କରିଥିବା ଦଳର ପ୍ରତ୍ୟେକ ନେତା, କର୍ମୀ ଏବଂ ସମର୍ଥକଙ୍କୁ କୃତଜ୍ଞତା ଜଣାଇବା ସହ ସେମାନଙ୍କର ପ୍ରତିବଦ୍ଧତା ହିଁ ଦଳର ପ୍ରକୃତ ଶକ୍ତି ବୋଲି କହିଛନ୍ତି। ବିଜୟୀ ବିଜେପି ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ନୂଆପଡ଼ାରେ ଅର୍ଥପୂର୍ଣ୍ଣ ବିକାଶ ଆଣିବା ପାଇଁ ସେ ଜନମତକୁ ସମ୍ମାନ ଦେବେ ବୋଲି କହିଛନ୍ତି । ମୁକ୍ତ ଓ ଅବାଧ ନିର୍ବାଚନ ହେଉଛି ଲୋକଙ୍କ ଗଣତାନ୍ତ୍ରିକ ଅଧିକାର। ଏହାର ଦାୟିତ୍ୱ ଓ କର୍ତ୍ତବ୍ୟକୁ ବଜାୟ ରଖିବା ଆମର କାମ ବୋଲି କହିଛନ୍ତି ନବୀନ। ବିଜେଡି ବହୁ ବାଧାବିଘ୍ନ ଦେଇ ଆଗକୁ ଗତିକରିଛି। ତଥାପି ଦଳ ଲୋକଙ୍କ ସେବା କରିବାରେ କେବେ ବି ହେଳା କରିନାହିଁ। ଆଗକୁ ମଧ୍ୟ ଲୋକଙ୍କ ସେବାରେ ଦଳ ବ୍ରତୀ ରହିବ। ବିଜୁ ବାବୁଙ୍କ ଆଦର୍ଶରେ ଗଢ଼ା ବିଜେଡି ଆଗକୁ ମଧ୍ୟ ଓଡ଼ିଶାର ସ୍ୱାର୍ଥ ଲାଗି ଲଢ଼େଇ ଜାରି ରଖିବ ବୋଲି ନବୀନ କହିଛନ୍ତି।

ତେଜସ୍ୱିନୀ

### ବିଶେଷ ଦୃଷ୍ଟି ଆକର୍ଷଣ

- ଭାନଗଡ଼ ଦୁର୍ଗ
- ସ୍ୱପ୍ନ ବଢ଼ାଏ ଧନ
- ବଦଳୁଛି କୁକୁର ରଙ୍ଗ
- ଧଳା ଜଙ୍ଗଲୀ ବିଲେଇ

# ବାଣିଜ୍ୟ ଯୁଦ୍ଧର ପ୍ରଭାବ

ସମାଜବାଦୀ ସୋଭିଏତ୍ ସଂଘର ପତନ ପରେ ସାମ୍ରାଜ୍ୟବାଦୀ ଆମେରିକା ତା' ଆଧିପତ୍ୟ ବିସ୍ତାର କରିବା ପାଇଁ ତୃତୀୟ ବିଶ୍ୱର ଅଂଶୀଦାର ରାଷ୍ଟ୍ର ଉପରେ ଆକ୍ରମଣ କରିଚାଲିଛି। ଏହି ଆକ୍ରମଣ କେବଳ ସାମରିକ କ୍ଷେତ୍ରରେ ସୀମିତ ନୁହେଁ, ବାଣିଜ୍ୟ ଯୁଦ୍ଧ ଏହାର ଅନ୍ୟ ଏକ ରୂପରେଖ। ସମୟ ବିଶେଷରେ ଏହା ସାମରିକ ଯୁଦ୍ଧଠାରୁ ଅଧିକ ଭୟାନକ ହୋଇପାରେ। ଭାରତ ଉପରେ ଆମେରିକା ମଧ୍ୟ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିଛି। ଭାରତ ରୁଷିଆଠାରୁ ଅଶୋଧିତ ତୈଳ କିଣିବା ଫଳରେ ସେହି ଅର୍ଥ ୟୁକ୍ରେନ୍ ଯୁଦ୍ଧରେ ଖର୍ଚ୍ଚ ହେଉଛି ମନେକରି ଆମେରିକା ଭାରତ ଉପରେ ଟାରିଫ୍ ଲାଗୁ ହୋଇଛି।

ଉଲ୍ଲେଖ କରାଯାଇପାରେ ଯେ, ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଦୁର୍ବଳ ହେବା ଫଳରେ ଆମେରିକାର ଏଭଳି ଆଧିପତ୍ୟ ବୃଦ୍ଧି ପାଇଛି। ଆମ ଦେଶର ପୂର୍ବ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ନାମ୍' ବା ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ନେତୃତ୍ୱ ନେଉଥିବା ସମୟରେ ଆମେରିକାର ଆଧିପତ୍ୟ ସମ୍ମୁଖରେ ମୁଣ୍ଡ ନୁଆଁଇ ନ ଥିଲେ, ବରଂ ବାଂଲାଦେଶ ଯୁଦ୍ଧ ସମୟରେ ଆମେରିକାର ଆଧିପତ୍ୟକୁ କ୍ଷୁଣ୍ଣ କରିବାରେ ଭୂମିକା ଗ୍ରହଣ କରିଥିଲେ। ଅବଶ୍ୟ ସେ ସମୟରେ ଭାରତ ସହିତ ସୋଭିଏତ୍ ୟୁନିୟନର ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟକ୍ଷ ସହଯୋଗ ରହିଥିଲା। ବର୍ତ୍ତମାନ ଆଉ ସେ ସୋଭିଏତ୍ ସଂଘ ନାହିଁ। ଦେଶର ନେତୃତ୍ୱ ପରିବର୍ତ୍ତନ ପରେ ଆମେରିକା ସହିତ ବିଭିନ୍ନ କ୍ଷେତ୍ରରେ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇଛି। ଏବେ ଅନେକ କ୍ଷେତ୍ରରେ ଭାରତ ସେ ଦେଶ ଉପରେ ନିର୍ଭରଶୀଳ। ଦୀର୍ଘ ୨୫ ବର୍ଷ ଧରି ଆମେରିକା ସହିତ ଆମର ଉତ୍ତମ ବାଣିଜ୍ୟିକ ସମ୍ପର୍କ ରହିଥିବା ସତ୍ତ୍ୱେ ଟ୍ରମ୍ପ୍ ପ୍ରଶାସନ ଆମେରିକାକୁ ରପ୍ତାନି ହେଉଥିବା ଭାରତୀୟ ସାମଗ୍ରୀ ଉପରେ ୫୦% ଟାରିଫ୍ ବୃଦ୍ଧି କରିବା କେବଳ ଅର୍ଥନୈତିକ ନୁହେଁ, ଏହା ସବୁ ସମୟରେ ରାଜନୈତିକ ଅଭିସନ୍ଧିମୂଳକ।

ଏହି ଟାରିଫ ବୃଦ୍ଧି ଯୋଗୁଁ ଭାରତର ଯୁକ୍ତରାଷ୍ଟ୍ରକୁ ରପ୍ତାନି ୩୭.୫% ହ୍ରାସ ପାଇଛି ଏବଂ ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ ଡଲାରରେ ପହଞ୍ଚିଛି। ବିଶେଷକରି ଟେକ୍ସଟାଇଲ, ଚିଙ୍ଗୁଡ଼ି, ମୁକ୍ତା ଓ ଅଳଙ୍କାର ରପ୍ତାନି ଅଧିକ ହ୍ରାସ ପାଉଛି। ସେହିପରି ଟାରିଫ୍ ବୃଦ୍ଧି ପ୍ରଭାବରେ ସେଠାରେ ଭାରତୀୟ ଜିନିଷ ପ୍ରାୟ ୩୫% ମହଙ୍ଗା ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି, ବିଶ୍ୱ ବଜାରରେ ଜଟିଳ ସ୍ଥିତି ସତ୍ତ୍ୱେ ଭାରତର ରପ୍ତାନିରେ ଗତିଶୀଳତା ବଜାୟ ରହିଛି। ଗତ ଏପ୍ରିଲ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ପ୍ରାୟ ୨୨୦.୧୨ ବିଲିୟନ ଡଲାରର ସାମଗ୍ରୀ ବିଦେଶକୁ ରପ୍ତାନି ହୋଇଛି, ଯାହାକି ସେହି ସମୟ ମଧ୍ୟରେ ଗତବର୍ଷ ଅପେକ୍ଷା (୨୧୩.୬୮ ବିଲିୟନ ଡଲାର) ୩.୦୨% ଅଧିକ। ସେହିପରି ଆମଦାନୀ ୩୭୫.୧୧ ବିଲିୟନ ଡଲାର (ପୂର୍ବ ବର୍ଷ +୩୫୮.୮୫ ବିଲିୟନ ଡଲାର)ରେ ପହଞ୍ଚିଛି। ଉଭୟ ଦେଶ ପରସ୍ପର ପ୍ରତି ବିଭିନ୍ନ ସମୟରେ ଲାଗୁ ହେଉଥିବା ଶୁଳ୍କ, ବଜାର ଅଭିଗମ ଓ ନିୟାମକ ଅବରୋଧ ଭଳି ବିଷୟରେ ସମାଧାନ ଆଣିବା ପାଇଁ ଆଲୋଚନା କରୁଛନ୍ତି। ଆମେରିକା କୃଷି ଓ ଦୁଗ୍ଧ ଜାତୀୟ ଦ୍ରବ୍ୟ ଉପରେ ରପ୍ତାନି ଶୁଳ୍କ କମ୍ କରିବା ପାଇଁ ଲଗାଯାଇଥିବା ବେପାର ପ୍ରତିବନ୍ଧ ଉଠାଇ ଦେବାକୁ ଦାବି କରିଛି। ଭାରତର କ୍ଷୁଦ୍ର ଓ ମଧ୍ୟମ ଧରଣର ଗ୍ରାମୀଣ ଚାଷୀଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିପାରେ ମନେକରି ଭାରତ ଏ ପର୍ଯ୍ୟନ୍ତ ଏହି ବ୍ୟାପାରରେ ସମ୍ମତ ହୋଇ ନାହିଁ। ଅନ୍ୟପକ୍ଷରେ ଆମେରିକାର ଯେଉଁ ଶିଳ୍ପଗୁଡ଼ିକ ଭାରତୀୟ କଞ୍ଚାମାଲ ଉପରେ ନିର୍ଭରଶୀଳ ସେଗୁଡ଼ିକ ପ୍ରଭାବିତ ହୋଇଛି। ସେଥିଯୋଗୁଁ ଭାରତ-ଆମେରିକା ମଧ୍ୟରେ ଆରମ୍ଭ ହୋଇଥିବା ବ୍ୟାପାରିକ ଯୁଦ୍ଧ ଉଭୟ ଦେଶ ପାଇଁ ବିଭିନ୍ନ ସମସ୍ୟାର କାରଣ ହୋଇଛି। ବର୍ତ୍ତମାନ ବାଣିଜ୍ୟିକ ନିଅଣ୍ଟର ବ୍ୟବଧାନ ବୃଦ୍ଧି ପାଉଥିବାରୁ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୮୮ ଟଙ୍କାର ନିକଟତର ହୋଇଛି।

ଏକ ସୁରକ୍ଷାମୂଳକ ବ୍ୟାପାର ଅନୁସରଣ କରିବାକୁ ଯାଇ ଯଦିଓ ଆମେରିକା ଓ ଭାରତ ସମେତ ବିଭିନ୍ନ ଦେଶ ଉପରେ ଆମଦାନୀ ଶୁଳ୍କ ଲାଗୁ କରିଛି, ତଥାପି ଉଭୟ ଦେଶର ସମ୍ପର୍କକୁ ନେଇ ଏହାର ନକାରାତ୍ମକ ପ୍ରଭାବ ସୁଦୂରପ୍ରସାରୀ। ଉଲ୍ଲେଖ କରାଯାଇପାରେ ଯେ, ଯୁକ୍ତରାଷ୍ଟ୍ର, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମଧ୍ୟରେ 'କ୍ୱାଡ୍' ନାମକ ଏକ ଚତୁଃପକ୍ଷୀୟ ରାଷ୍ଟ୍ରର ସୁରକ୍ଷା କବଚ ଗଠିତ। ଏହା ଏକ ସ୍ଥିର ଓ ସୁରକ୍ଷିତ ଅଞ୍ଚଳ ଗଠନ କରିବାରେ ଲକ୍ଷ୍ୟ ରଖେ। ଆମେରିକା ଇଣ୍ଡୋପାସିଫିକ ଅଞ୍ଚଳରେ ଭାରତର ଭୂମିକାକୁ ସମର୍ଥନ କରେ। ଏହି ଅଞ୍ଚଳ ହେଉଛି ଭାରତ ମହାସାଗର ଓ ପ୍ରଶାନ୍ତ ମହାସାଗରରେ ମିଶିଥିବା ଏକ ବିଶାଳ ଭୂରାଜନୀତିକ ଆର୍ଥିକ କ୍ଷେତ୍ର। ଏହା ଆନ୍ତର୍ଜାତିକ ବାଣିଜ୍ୟ ଓ ନୌସମ୍ପର୍କର ମୁଖ୍ୟ ପଥ ହୋଇଥିବାରୁ ସେଠାରେ ଚାଇନାର ପ୍ରଭାବକୁ ସନ୍ତୁଳିତ କରିବା ଉଦ୍ଦେଶ୍ୟ ନିହିତ ରହିଛି। ଏସବୁ ସତ୍ତ୍ୱେ ଆମେରିକା ଯଦି ଭାରତ ସହିତ ତା'ର ବ୍ୟବସାୟିକ ଯୁଦ୍ଧ ଜାରି ରଖେ, ତେବେ ଆମକୁ ପ୍ରତ୍ୟେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଆମଦାନୀ ହ୍ରାସ କରି ଦେଶୀୟ ଉତ୍ପାଦନ ଓ ରପ୍ତାନିକୁ ଗୁରୁତ୍ୱ ଦେବାକୁ ହେବ।

ଆମେରିକା ଭାରତର ବନ୍ଧୁ ରାଷ୍ଟ୍ର ନୁହେଁ, ଏହା ପ୍ରମାଣିତ ହୋଇସାରିଛି। ଆମେରିକା ଓ ରୁଷିଆ ମଧ୍ୟରେ ସମ ଦୂରତା ରଖି ସମ୍ପର୍କ ବଜାୟ ରଖିବା ଭାରତ ପାଇଁ ଆଉ ସମ୍ଭବପର ହୋଇ ରହିପାରି ନାହିଁ। ତେଣୁ ଭାରତ ନିଜର ବ୍ୟାପାର ବୃଦ୍ଧି କରିବା ପାଇଁ ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ସମେତ ଅନ୍ୟ କେତେକ ଆଫ୍ରିକୀୟ ଦେଶ ସହିତ ମୁକ୍ତ ବାଣିଜ୍ୟନାମା ସ୍ୱାକ୍ଷରିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏତଦ୍‌ବ୍ୟତୀତ ଲାଟିନ୍ ଆମେରିକା ଓ ପୂର୍ବ ଦକ୍ଷିଣ ଏସିଆ ଭଳି ଅଞ୍ଚଳରେ ସୁଯୋଗ ଖୋଜିବା ସଙ୍ଗେ ସଙ୍ଗେ ଜର୍ମାନୀ, ବ୍ରିଟେନ୍, ସିଙ୍ଗାପୁର ଓ ମାଲେସିଆ ସହିତ ବ୍ୟାପାର ପାଇଁ ପ୍ରସ୍ତାବ ଦେଇଛି। 'ଇଉରୋପ ସମୁଦାୟ' ଓ 'ନାଟୋ' ସଂଗଠନ ସହିତ ବେପାର ସହଯୋଗ ବୃଦ୍ଧି କରାଯାଇଛି। ବ୍ରିକ୍ସ ସଂଗଠନ ପକ୍ଷରୁ ରୁଷିଆ ଓ ଚାଇନା ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। ଏତଦ୍‌ବ୍ୟତୀତ ଭାରତ ଇଣ୍ଡୋପାସିଫିକ ଅଞ୍ଚଳରେ ଥିବା ଦେଶଗୁଡ଼ିକ ମଧ୍ୟରେ କୌଶଳଗତ ଓ ଅର୍ଥନୈତିକ ସମ୍ପର୍କ ଅଧିକ ବୃଦ୍ଧି କରିବାରେ ଲାଗିଛି। ଭାରତ ଓ ଆମେରିକା ମଧ୍ୟରେ ବ୍ୟାପାରିକ ସମସ୍ୟା କଥାବାର୍ତ୍ତା ମାଧ୍ୟମରେ ସମାଧାନ ହେଲେ ଆମେରିକା କୋହଳ ମନୋବୃତ୍ତି ପୋଷଣ କରିପାରେ।

କହିବାବାହୁଲ୍ୟ ଯେ, ବର୍ତ୍ତମାନ ବିଶ୍ୱର ଭୂ-ରାଜନୈତିକ ସନ୍ତୁଳନ ଓ ଗତିବିଧିର ପରିବର୍ତ୍ତନ ରାଷ୍ଟ୍ର, ସମାଜ ଓ ବ୍ୟକ୍ତିସତ୍ତାକୁ ବିପଦମୁହଁକୁ ଠେଲି ଦେଇଛି। ତେଣୁ ଭାରତ ପରି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଦେଶର ପ୍ରତ୍ୟେକ ନାଗରିକ ଦେଶ ଗଠନରେ ସହାୟକ ହେଲେ ପ୍ରତ୍ୟେକ କ୍ଷେତ୍ରରେ ଆମେ ଯେ ସ୍ୱାବଲମ୍ବୀ ହୋଇପାରିବା ଏଥିରେ ଦ୍ୱିମତ ନାହିଁ।

# ଦେଶ ପ୍ରଗତିରେ ସମବାୟ

ଭାରତରେ ସ୍ୱାଧୀନତାର ବହୁ ପୂର୍ବରୁ ସମବାୟ ଆନ୍ଦୋଳନର ମୂଳଦୁଆ ପଡ଼ିଥିଲା। କିନ୍ତୁ ତାହା କୃଷିରଣ ପ୍ରଦାନ ମଧ୍ୟରେ ଥିଲା ସୀମିତ। ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ତଥା ରୂପାୟନ ପରେ ଆମ ଦେଶରେ ସମବାୟ କ୍ଷେତ୍ରରେ ଅନେକ କିଛି ଯୁଗାନ୍ତକାରି ପଦକ୍ଷେପ ନିଆଯାଇଛି। ଦେଶର ଅର୍ଥନୈତିକ ପ୍ରଗତିର ଏକ ବଳିଷ୍ଠ ମାଧ୍ୟମ ରୂପେ ସମବାୟ ପ୍ରତିପାଦିତ। ସମବାୟ ଯୋଜନା ପରିଷଦ ୧୯୪୭ ମସିହାରେ ଦୃଢ଼ ମତପୋଷଣ କରିଥିଲେ ଯେ ଅର୍ଥନୈତିକ ଯୋଜନାର ଗଣତନ୍ତ୍ରୀକରଣ ପ୍ରକ୍ରିୟାରେ ସମବାୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଗ୍ରାମାଞ୍ଚଳର ଲୋକଙ୍କୁ ଯୋଜନାବଦ୍ଧ ଅର୍ଥନୈତିକ ବିକାଶ ପ୍ରକ୍ରିୟା ମାଧ୍ୟମରେ ସଚେତନ କରିଥିଲା। ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ସମବାୟ ଆନ୍ଦୋଳନକୁ ଦେଶରେ ଯୋଜନାବଦ୍ଧ ଅର୍ଥନୈତିକ ପ୍ରଗତିର ଅପରିହାର୍ଯ୍ୟ ମାଧ୍ୟମ ରୂପେ ଅଭିହିତ କରାଯାଇଥିଲା। କିନ୍ତୁ ସମବାୟ ଆନ୍ଦୋଳନର ପ୍ରଗତି ତଥା ଭୂମିକା ଅଧ୍ୟୟନ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଗଠିତ ଅଲ୍ ଇଣ୍ଡିଆ ରୁରାଲ ସର୍ଭେ କମିଟି ରିପୋର୍ଟ ୧୯୫୪ ମସିହାରେ ପ୍ରତିକୂଳ ମନ୍ତବ୍ୟ ଦେଇଥିଲେ ଯେ, ଭାରତରେ ସମବାୟ ଆନ୍ଦୋଳନ ବିଫଳ ହୋଇଛି। ଏହାକୁ ସଫଳ କରିବା ପାଇଁ ସରକାର ସମବାୟକୁ ନିର୍ଣ୍ଣାୟକ ଭୂମିକା ରୂପେ ଗ୍ରହଣ କରିଛନ୍ତି। ଯେଉଁ ସବୁ କୃଷି ପରିବାର ସାହୁକାରଙ୍କଠାରୁ ଋଣ ଗ୍ରହଣ କରୁଥିଲେ ସେମାନଙ୍କ ଦୁର୍ଦ୍ଦଶା ଅକଥନୀୟ ହୋଇପଡ଼ିଥିବା ବେଳେ ଏବେ ଦେଶରେ ବିନିଯୋଗ ହୋଇଥିବା ମୋଟ୍ କୃଷିଋଣର ଶତକଡ଼ା ୬୭ ଭାଗ ଅର୍ଥ ସମବାୟ ମାଧ୍ୟମରେ ଯୋଗାଇ ଦିଆଯାଇଛି। ଜମିର ଉନ୍ନତୀକରଣ, ଆଧୁନିକ ପଦ୍ଧତିରେ ଚାଷ, ଉନ୍ନତ ଯନ୍ତ୍ରପାତିର ବ୍ୟବହାର, ଅଧିକ ଅମଳକ୍ଷମ ବିହନ ଏବଂ ଜୈବିକ କୃଷି ତଥା ସାର ପ୍ରୟୋଗ କରି ଖାଦ୍ୟଶସ୍ୟ ଉତ୍ପାଦନର ବୃଦ୍ଧି ଏବଂ ଅର୍ଥନୈତିକ ଜୀବନର ମାନଦଣ୍ଡ ବୃଦ୍ଧି କରାଇବା ପାଇଁ ସମବାୟ ସମିତିମାନଙ୍କର ସେବା ପ୍ରଣିଧାନଯୋଗ୍ୟ।

ଜମିର ଉନ୍ନତୀକରଣ ପାଇଁ ଗଭୀର କୂପ ଓ ନଳକୂପ ଖନନ, କେନାଲ ଓ ନଦୀର ପ୍ରବାହିତ ଜଳକୁ ପମ୍ପଦ୍ୱାରା ଚାଷଜମିକୁ ପାଣି ମଡ଼ାଇବା ନିମନ୍ତେ ଆର୍ଥିକ ସହାୟତା, ବିଭିନ୍ନ ପ୍ରକାର ଫଳ ବଗିଚା ପାଇଁ ଋଣ ଯୋଗାଇ ଦିଆଯାଉଛି। ସହରାଞ୍ଚଳଗୁଡ଼ିକରେ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କଗୁଡ଼ିକ ଛୋଟ ଛୋଟ ପାନ ଦୋକାନୀ, ପରିବା ଓ ଫଳ ବିକାଳି, ରିକ୍ସାବାଲା, ସାଇକେଲ ଦୋକାନୀ, ଅଟୋରିକ୍ସା, ଜନସେବା କେନ୍ଦ୍ର, କ୍ଷୁଦ୍ର ବ୍ୟବସାୟୀ, ଟ୍ରାଭେଲ୍ସ, ଡି.ଟି.ପି. ପ୍ରକାଶନ, ବହି ବନ୍ଧେଇ, ମନୋହରି ଓ ତେଜରାତି ଦୋକାନ ପାଇଁ ଋଣ ପ୍ରଦାନ କରୁଛନ୍ତି। ଫଳରେ ଉକ୍ତ ବ୍ୟବସାୟରୁ କିଛି ଲାଭ ପାଇ ଲୋକେ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଛନ୍ତି। ଏହା ସହିତ ବେକାରି ସମସ୍ୟା ଦୂରୀଭୂତ ହୋଇପାରିଛି। ସୁଲଭ ମୂଲ୍ୟରେ ଗ୍ରାମାଞ୍ଚଳରେ ସମବାୟ ସମିତି ଦ୍ୱାରା ସାର, ବିହନ, ପୋକମରା ଔଷଧ, ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ସୁଲଭ ମୂଲ୍ୟରେ ଖାଉଟି ସାମଗ୍ରୀ ଯୋଗାଣ, ସଭ୍ୟମାନଙ୍କୁ ବାସଗୃହ ନିର୍ମାଣ ପାଇଁ ଋଣ ଯୋଗାଣ, କୁଶଳୀ କାରିଗରଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଚାଷୀ ତଥା ସମବାୟର ସଭ୍ୟମାନଙ୍କ ଦ୍ୱାରା ଉତ୍ପାଦିତ ତଥା ସଂଗୃହୀତ ଦ୍ରବ୍ୟର ଉପଯୁକ୍ତ ବିପଣନ ଇତ୍ୟାଦି ଅନେକ ସୁବିଧା ଓ ସେବା ସମବାୟ ଦ୍ୱାରା ପ୍ରଦାନ କରାଯାଉଛି। ଅର୍ଥନୈତିକ ଓ ଗୁଣାତ୍ମକ ପ୍ରଗତି ପ୍ରକ୍ରିୟାରେ ଋଣର ପ୍ରକୃତ ବିନିଯୋଗ, ଠିକ୍ ସମୟରେ ଋଣ ପରିଶୋଧ, ଆର୍ଥିକ ତଥା ସାମାଜିକ ଜୀବନର ଉନ୍ନତି ସାଧନ ଓ ଜନସଚେତନତା ସୃଷ୍ଟି କରାଯାଇ ଆତ୍ମବିଶ୍ୱାସ, ଆତ୍ମନିର୍ଭରଶୀଳ ଏବଂ ଦୃଢ଼ ମନୋବଳର ବାତାବରଣ ସୃଷ୍ଟିକରି ସର୍ବସାଧାରଣଙ୍କର ଉନ୍ନତି ସାଧନ ପାଇଁ ସମବାୟ ଆନ୍ଦୋଳନ ଉତ୍ସର୍ଗୀକୃତ।

ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ପ୍ରାଥମିକ ସେବା ସମବାୟ ସମିତି ସ୍ୱଚ୍ଛଳଭାବେ କାର୍ଯ୍ୟ କରିବା ଆବଶ୍ୟକ। କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ସମବାୟ ପୁନଃ ଦୃଢ଼ୀକରଣ ଯୋଜନା ଏକ ସମୟ ଉପଯୋଗୀ ପଦକ୍ଷେପ। ଏହା କାର୍ଯ୍ୟକାରୀ ହେଲେ ଅନେକ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟକ୍ଷମ ହୋଇପାରିବେ ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ଅଧିକ ଦକ୍ଷତା ହାସଲ କରିପାରିବେ। ଏହା ବ୍ୟତୀତ ଗ୍ରାମାଞ୍ଚଳରେ ସଚେତନତାର ଅଭାବ ପରିଲକ୍ଷିତ ହେଉଛି। ଦୀର୍ଘଦିନ ହେଲା କିଷାନ୍ କ୍ରେଡିଟ୍ କାର୍ଡ ପ୍ରଚଳନର ସୁବିଧା ଅନେକ ସଭ୍ୟ ପାଇପାରିନାହାନ୍ତି। ଆଜି ମଧ୍ୟ ସମିତି କର୍ମଚାରୀଙ୍କ ଦ୍ୱାରା କିଷାନ୍ କ୍ରେଡିଟ୍ କାର୍ଡଧାରୀଙ୍କର ବ୍ଲାଙ୍କ୍ କିଷାନ୍ କ୍ରେଡିଟ୍ ଚେକ୍ ଓ ବ୍ଲାଙ୍କ ବ୍ୟାଙ୍କ ଚେକ୍ ଉପରେ ଦସ୍ତଖତ ନିଆଯାଇ କିଷାନ୍ କ୍ରେଡିଟ୍ ପାସ୍‌ବୁକ୍ ସହିତ ସମିତିରେ ମହଜୁଦ ରଖାଯାଉଛି। କାର୍ଡଧାରୀମାନଙ୍କୁ ନ ଜଣାଇ ସମୟ କ୍ରମେ ସେବା ସମବାୟ ସମିତିର ସମ୍ପାଦକମାନେ ବ୍ଲାଙ୍କ୍ ଚେକ୍‌କୁ ପୂରଣ କରି ବ୍ୟାଙ୍କ କର୍ମଚାରୀମାନଙ୍କ ସଲାସୁତରାରେ କାର୍ଡଧାରୀମାନଙ୍କ ନାମରେ ଋଣ ଉଠାଇ ନିଜ ନିକଟରେ ରଖି କେତେକ କ୍ଷେତ୍ରରେ କିଛି ପରିମାଣର ଋଣ ଦିଅନ୍ତି। ଚାଷୀଟି ସମିତି ସମ୍ପାଦକଙ୍କୁ ବିଶ୍ୱାସ କରି ବ୍ଲାଙ୍କ ଚେକ୍‌ରେ ଦସ୍ତଖତ କରି ଦେଉଥିଲାବେଳେ ସମିତି ସମ୍ପାଦକ ଋଣୀର ବିଶ୍ୱାସରେ ବିଷ ଦେଇ ଚାଲିଛନ୍ତି। କିଷାନ କ୍ରେଡିଟ୍ ପାସ୍‌ବୁକ୍‌ଗୁଡ଼ିକ ମଧ୍ୟ ସମବାୟ ସମିତି ସମ୍ପାଦକଙ୍କ ନିକଟରେ ରହିଥାଏ। ଋଣୀ ସଭ୍ୟଟି କେତେ ଟଙ୍କା ଋଣ ନେଲା ତାହା ଜାଣିପାରେ ନାହିଁ। ଚାଷୀମାନଙ୍କୁ କୃଷିଋଣ ବିଷୟରେ ସଚେତନ କରାଯାଏ ନାହିଁ।

ସଭ୍ୟମାନେ ସମବାୟର କାର୍ଯ୍ୟଧାରାରେ ସକ୍ରିୟ ଅଂଶ ଗ୍ରହଣ କରିବା ଆବଶ୍ୟକ। ସମବାୟର କାର୍ଯ୍ୟଧାରାରେ ଅଂଶଗ୍ରହଣ କରୁଥିବା ଉଭୟ କର୍ମଚାରୀ ଓ ପରିଚାଳନା ପରିଷଦର ସଭ୍ୟମାନଙ୍କର କର୍ତ୍ତବ୍ୟ ସମ୍ପାଦନରେ ନିଷ୍ଠା, ସଚ୍ଚୋଟତା, ଏକାଗ୍ରତା ଏବଂ ଅଙ୍ଗୀକାରବଦ୍ଧତା ରହିବା ଅପରିହାର୍ଯ୍ୟ। ଆଧୁନିକ ଜ୍ଞାନ କୌଶଳର ପ୍ରକୃଷ୍ଟ ବିନିଯୋଗ, ଉଜ୍ଜ୍ୱଳ ମାନବସମ୍ବଳ ବିକାଶ, ସ୍ୱଚ୍ଛତା ଏବଂ କ୍ରିୟାଶୀଳତା ଏବଂ କମ୍ପ୍ୟୁଟରୀକରଣ ଦ୍ୱାରା ସମସ୍ତ କାର୍ଯ୍ୟ ସ୍ୱଚ୍ଛତା ସହ କାର୍ଯ୍ୟ କରିପାରିଲେ ଦେଶ ପ୍ରଗତିର ବଳିଷ୍ଠ ମାଧ୍ୟମ ରୂପେ ଜନସାଧାରଣଙ୍କୁ ସମବାୟ ମାଧ୍ୟମରେ ସେବା ଯୋଗାଇ ଦେବାର ଅବକାଶ ରହିଛି। ସରକାରଙ୍କର ମୁଖ୍ୟ କର୍ତ୍ତବ୍ୟ ହେଲା ପ୍ରତି ପ୍ରାଥମିକ ସମବାୟ ସମିତିର ଋଣ ତନଖି କାର୍ଯ୍ୟ ସୁପରିଚାଳନା ପାଇଁ ସୁପରଭାଇଜର୍‌ମାନଙ୍କୁ ନିଯୁକ୍ତି ଦେବା ସଙ୍ଗେ ସଙ୍ଗେ ସରକାରୀ ଅଧିକାରୀଙ୍କ ଦ୍ୱାରା କମ୍ପ୍ୟୁଟରୀକରଣ ଠିକ୍ ରୂପେ ହୋଇଛି ବୋଲି ସହକାରୀ ସମବାୟ ନିବନ୍ଧକମାନଙ୍କ ଦ୍ୱାରା ସରକାରଙ୍କୁ ତଥ୍ୟ ଯୋଗାଇଲେ ଏହାର ସୁଫଳ ଜନସାଧାରଣ ପାଆନ୍ତେ। ଋଣ ଦୁର୍ନୀତର ମୂଳୋତ୍ପାଟନ ପାଇଁ ସରକାର ବିହିତ ପଦକ୍ଷେପ ନେବାପାଇଁ ତତ୍କାଳୀନ ଦୁର୍ନୀତିଗ୍ରସ୍ତ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ନିବୃତ୍ତ କରି ସେମାନଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯିବା ଦରକାର। ସେମାନଙ୍କଠାରୁ ଧାର୍ଯ୍ୟ ଅର୍ଥ ତତ୍କାଳିକଭାବେ ଆଦାୟ କରାଗଲେ ଦେଶ ପ୍ରଗତିରେ ସମବାୟର କାର୍ଯ୍ୟ ପ୍ରଶଂସନୀୟ ହୋଇପାରିବ। ସମବାୟ ସମୀକ୍ଷା ବିଭାଗରେ ସଚ୍ଚୋଟତା ନିହାତି ଆବଶ୍ୟକ। ଏହାର ବିଲୋପ ହେବା ଆବଶ୍ୟକ। ନାବାର୍ଡ ଦ୍ୱାରା ପ୍ରାଥମିକ ସମବାୟ ସମିତିକୁ ସିଧାସଳଖ ଋଣ ଯୋଗାଇବା ପାଇଁ ସମବାୟ ସମିତି ଆଇନ୍‌ରେ ସଂଶୋଧନ ହେବା ଆବଶ୍ୟକ। ସମିତିର ପରିଚାଳନା ପରିଷଦକୁ ଉପଯୁକ୍ତ ଦକ୍ଷତା ଥିବା ଶିକ୍ଷିତ ଓ ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ କରିବା ସହିତ ସେମାନଙ୍କୁ ବୈଠକ ଭାର ଦିଆଯିବା ଆବଶ୍ୟକ। ନଚେତ୍ ସମବାୟ କର୍ମଚାରୀ ଓ ପରିଚାଳନା ପରିଷଦ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଇ ଦୂରତ୍ୱ ବୃଦ୍ଧିପାଉଛି। ଏ ସବୁକୁ ବିଚାରକୁ ନେଇ ସମବାୟରେ ଯେତେ ଶୀଘ୍ର ସଂସ୍କାର ପାଇଁ ପଦକ୍ଷେପ ନିଆଯାଇପାରିବ ସେତେ ଶୀଘ୍ର ଏହାର ସୁଫଳ ଜନସାଧାରଣ ପାଇପାରିବେ। ନଚେତ୍ ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ନୀତିରେ ସମବାୟରେ ସମସ୍ତ ପ୍ରକାର କାର୍ଯ୍ୟ ବିଫଳ ହେବ।

# ବିହାର ବିଧାନସଭା ନିର୍ବାଚନ ଏନ୍‌ଡିଏକୁ ଜନାଦେଶ

## ବିଜେପି ସଂଖ୍ୟା ଗରିଷ୍ଠ ଦଳ, ୨ୟରେ ଜେଡିୟୁ



ପାଟନା: ବିହାର ବିଧାନସଭା ନିର୍ବାଚନ ଫଳାଫଳ ସାମ୍ନାକୁ ଆସିଛି। ଏକ୍‌ଜିଟ୍ ପୋଲ୍ ରେଜଲ୍ଟ ସତ ହୋଇଛି। ବିହାରବାସୀ ଏନ୍‌ଡିଏ ମେଣ୍ଟକୁ ସଂଖ୍ୟା ଗରିଷ୍ଠତା ପ୍ରଦାନ ପୂର୍ବକ ପୁଣିଥରେ ସରକାର ଗଠନ କରିବାକୁ ଜନାଦେଶ ଦେଇଛନ୍ତି। ମୁଖ୍ୟତଃ ବିହାରର ଯୁବଗୋଷ୍ଠୀ ଏବଂ ମହିଳା ଭୋଟରଙ୍କ ସମର୍ଥନ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟକୁ ଯାଇଛି। ତେବେ ଜେଡିୟୁ ତୁଳନାରେ ବିଜେପିକୁ ଏଠାରେ ମିଳିଥିବା ସଫଳତା ନୀତୀଶଙ୍କ ତୁଳନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ବିହାରୀ ମହିଳା ଓ ଯୁବଗୋଷ୍ଠୀଙ୍କ ବିଶ୍ୱାସକୁ ପ୍ରତିଫଳିତ କରିଛି। ଗୋଟିଏ ପଟେ ଯେଉଁଠି ବିରୋଧୀ ମେଣ୍ଟର ଅଂଶୀଦାର ଦଳଗୁଡ଼ିକ ଭୋଟ୍ ପଡ଼ିବା ପର୍ଯ୍ୟନ୍ତ ପରସ୍ପର ସହ ବିବାଦରେ ମଧରେ ଛନ୍ଦି ହୋଇ ରହିଲେ ବିଜେପି କିନ୍ତୁ ନିଜ ନିର୍ବାଚନ ଷ୍ଟ୍ରାଟେଜୀକୁ ପାଥେୟ କରି ବିଶାଳ ବିଜୟ ହାସଲ କରିନେଇଛି। ଏସବୁ ମଧରେ ବିରୋଧୀ ଗୋଷ୍ଠୀର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ କଷ୍ଟେମଷ୍ଟେ ସମ୍ମାନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ଆଜି ପର୍ଯ୍ୟନ୍ତ ଆରଜେଡିର ଗଡ଼ ହୋଇ ରହିଆସିଥିବା ରାଘୋପୁର ନିର୍ବାଚନ ମଣ୍ଡଳୀରୁ ସେ ପ୍ରାର୍ଥୀ ହୋଇଥିବା ବେଳେ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ମାତ୍ର ୧୪ହଜାର ଭୋଟରେ ହିଁ ବିଜୟ ଲାଭ କରିଛନ୍ତି। ଅର୍ଥାତ୍ ତାଙ୍କୁ ଏଠାରେ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଛି। ବିରୋଧୀ ଗୋଷ୍ଠୀର ଅନେକ ବଡ଼ ନେତା ପରାଜିତ ହୋଇଥିବା ବେଳେ ବିଜେପିର ଅନେକ ନବାଗତ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ସିଧାସଳଖ କହିଲେ ବିରୋଧୀ ଗୋଷ୍ଠୀଙ୍କ ଅନେକ ଆସନ ଏଥର ବିଜେପି ଏବଂ ଜେଡିୟୁ ଖାତାକୁ ଚାଲିଯାଇଛି।

ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ୨୪୩ ଆସନ ବିଶିଷ୍ଟ ବିହାରରେ ଏନ୍‌ଡିଏ ମେଣ୍ଟ ମୋଟ୍ ୨୦୨ ଆସନରେ ବିଜୟୀ ହୋଇଛି। ଏଥିମଧ୍ୟରୁ ସଂଖ୍ୟା ଗରିଷ୍ଠ ଦଳ ଭାବେ ବିଜେପି ଆଗୁଆ ରହିଛି। ବିଜେପି ଏଠାରେ ମୋଟ୍ ୮୯ ଆସନ ଜିତିଥିବା ବେଳେ ଅନ୍ୟତମ ଅଂଶୀଦାର ଦଳ ଭାବେ ନୀତୀଶ କୁମାରଙ୍କ ଦଳ ଜେଡିୟୁ (ଜନତା ଦଳ ୟୁନାଇଟେଡ୍) ୮୫ ଆସନ, ଚିରାଗ ପାଶୱାନ୍‌ଙ୍କ ଦଳ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ୧୯ ଆସନ ଜିତିଛନ୍ତି। ସେହିପରି ଏନ୍‌ଡିଏର ଅନ୍ୟ ଅଂଶୀଦାର ଦଳଙ୍କୁ ମୋଟ୍ ୯ଟି ଆସନ ମିଳିଛି। ଅନ୍ୟପକ୍ଷେ ବିରୋଧୀ ମହାମେଣ୍ଟ ମାତ୍ର ୩୪ଟି ଆସନରେ ଜିତିବାରେ ସକ୍ଷମ ହୋଇଛି। ଏଥିମଧ୍ୟରେ ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ଆରଜେଡିକୁ ୨୫ ଆସନ ମିଳିଥିବା ବେଳେ କଂଗ୍ରେସ ୬ଟି ଆସନରେ ସୀମିତ ରହିଛି। ସେହିପରି ମହାମେଣ୍ଟର ଅନ୍ୟତମ ଅଂଶୀଦାର ଦଳ ସିପିଆଇ (ଏମ୍‌ଏଲ୍)କୁ ୨ଟି ଆସନ ଏବଂ ଅନ୍ୟ ଅଂଶୀଦାର ଦଳଙ୍କୁ ୧ ଆସନ ମିଳିଛି। ସେହିପରି ଅନ୍ୟାନ୍ୟ ଖାତାକୁ ୬ଟି ଆସନ ଯାଇଥିବା ବେଳେ ପ୍ରଶାନ୍ତ କିଶୋରଙ୍କ ଦଳ ଜନସୁରଜ ପାର୍ଟି ଗୋଟିଏ ହେଲେ ଆସନ ଜିତିପାରିନାହିଁ। ସୂଚନାଯୋଗ୍ୟ ବିହାରରେ ସରକାର ଗଢ଼ିବା ପାଇଁ ମ୍ୟାଜିକ୍ ନଂ ୧୨୨ ରହିଛି। ଚଳିତ ନିର୍ବାଚନରେ ବିହାରରେ ବିଜେପି ସଂଖ୍ୟା ଗରିଷ୍ଠ ଦଳ ଭାବେ ଉଭା ହୋଇଥିବା ବେଳେ ଜେଡିୟୁ ୨ୟ ସ୍ଥାନରେ ରହିଛି। ସୁତରାଂ ବିହାରରେ ଏଥର ନୀତୀଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ପଦ ମିଳିବା ନେଇ ସାମାନ୍ୟ ସଂଶୟ ସୃଷ୍ଟି ହୋଇଛି। କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ଏନେଇ ଏକ ସଂକେତ ମଧ ଦେଇଛନ୍ତି। ଗଡ଼କରୀ କହିଛନ୍ତି ବିହାରରେ ଏଥର ବିଜେପିରୁ କେହି ମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ଏପ୍ରକାର ଚର୍ଚ୍ଚା ମଧରେ ନୀତୀଶ ସାମାନ୍ୟ ଚିନ୍ତାରେ ପଡ଼ିଯାଇଛନ୍ତି। କାରଣ ଫଳାଫଳ ଉପରେ ଦୃଷ୍ଟିଦେଲେ ବିଜେପି ଯଦି ଜେଡିୟୁକୁ ବାଦ୍ ଦେଇ ନିଜର ଅନ୍ୟ ଅଂଶୀଦାର ଦଳଙ୍କ ସହ ମିଶି ସରକାର ଗଠନ କରିବାକୁ ଚାହେଁ ତେବେ ମଧ ଏହା କିଛି ମାତ୍ରାରେ ସମ୍ଭବ ପ୍ରତୀତ ହେଉଛି। ବିଜେପି ପାଖରେ ୮୯ ଆସନ ଥିବା ବେଳେ ଏଲ୍‌ଜେପିର ୧୯, ଉପେନ୍ଦ୍ର କୁଶୱାହାଙ୍କ ଦଳ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲଏମ୍)ର ୪ ଏବଂ ଜୀତନ୍ ରାମ ମାଞ୍ଝିଙ୍କ ଦଳ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା (ହାମ୍)ର ୫ ଆସନକୁ ମିଶାଇ ମୋଟ୍ ୧୧୭ ଆସନ ହେଉଛି।

## ଦିଲ୍ଲୀ ବିସ୍ଫୋରଣ ଏକ ଆତଙ୍କବାଦୀ ଆକ୍ରମଣ

ନୂଆଦିଲ୍ଲୀ: ଶେଷରେ ଦିଲ୍ଲୀ ବିସ୍ଫୋରଣ (୧୦/୧୧ ଘଟଣା)କୁ ଏକ ଆତଙ୍କବାଦୀ ଆକ୍ରମଣଜନିତ ଘଟଣା ବୋଲି ସ୍ୱୀକାର କରିଛନ୍ତ କେନ୍ଦ୍ର ସରକାର। ଦିଲ୍ଲୀ ବିସ୍ଫୋରଣ ଘଟଣା ସହ ଆତଙ୍କବାଦୀ କନେକ୍‌ସନ୍ ଥିବା ସନ୍ଦେହରେ ଯାଞ୍ଚ କରାଯାଇଆସୁଥିଲା। ତଦନ୍ତ ଭାର ଜାତୀୟ ସୁରକ୍ଷା ଏଜେନ୍ସି (ଏନ୍‌ଆଇଏ) ଉପରେ ନ୍ୟସ୍ତ କରାଯାଇଥିଲା। ତେବେ ଏନ୍‌ଆଇଏ ପକ୍ଷରୁ ଆସିଥିବା ପ୍ରାରମ୍ଭିକ ରିପୋର୍ଟରୁ ଏହା ଏକ ଆତଙ୍କବାଦୀ ଆକ୍ରମଣ ବୋଲି ସ୍ପଷ୍ଟ ହେବା ପରେ କେନ୍ଦ୍ର ସରକାର ମଧ ଏହାକୁ ସ୍ୱୀକାର କରିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ସୁରକ୍ଷା ସମ୍ପର୍କୀତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକ (ସିସିଏସ୍) ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ଓ ଗୁଇନ୍ଦା ବିଭାଗ ମୁଖ୍ୟ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ମୁଖ୍ୟତଃ ଦିଲ୍ଲୀ ବିସ୍ଫୋରଣ ସମ୍ପର୍କରେ ହିଁ ଆଲୋଚନା କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ଘଟଣା ସହ ଏନ୍‌ଆଇଏ ତଦନ୍ତ ସମ୍ପର୍କରେ ମଧ ଅବଗତ କରାଯାଇଥିଲା। ପରେ ଏହାକୁ ଏକ ଆତଙ୍କବାଦୀ ଘଟଣା ଭାବେ ରେକର୍ଡଭୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା ଯାହାକି ସର୍ବସହମତିକ୍ରମେ ପାରିତ ମଧ ହୋଇଥିଲା। ବୈଠକରେ ମୃତକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା। କେନ୍ଦ୍ର ରେଳ ତଥା ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ମୋଦୀ ସରକାର ଆତଙ୍କୀ ଘଟଣାକୁ ନେଇ ଶୂନ୍ୟ ସହନଶୀଳତା ନୀତି ଆପଣାଉଛନ୍ତି। ଆଜିର ବୈଠକରେ କ୍ୟାବିନେଟ୍ ଦିଲ୍ଲୀ ବିସ୍ଫୋରଣ ଘଟଣାକୁ 'ଦେଶ ବିରୋଧୀ ଶକ୍ତି ଦ୍ୱାରା କରାଯାଇଥିବା ଏକ ଘୃଣ୍ୟ କାର୍ଯ୍ୟ' ବୋଲି ଉଲ୍ଲେଖ କରିଛନ୍ତି। ଏହାର ଯାଞ୍ଚ ଆଦେଶ ଦିଆଯିବା ସହ ଦୋଷୀଙ୍କୁ ତୁରନ୍ତ ଦଣ୍ଡ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସରକାର ଏହି ଘଟଣା ଏବଂ ଘଟଣା ପରବର୍ତ୍ତୀ ପ୍ରତ୍ୟେକ ଗତିବିଧି ଉପରେ କଡା ନଜର ରଖିଛନ୍ତି ବୋଲି ବୈଷ୍ଣବ କହିଛନ୍ତି। ନଭେମ୍ବର ୧୦ ତାରିଖ ସନ୍ଧ୍ୟାରେ ଦିଲ୍ଲୀର ଲାଲକିଲ୍ଲା ନିକଟ ମେଟ୍ରୋ ଷ୍ଟେସନ୍‌ର ୧ ନଂ ଗେଟ୍ ସମ୍ମୁଖରେ ଏକ କାର୍ ଯୋଗେ ବୋମା ବିସ୍ଫୋରଣ କରାଯାଇଥିଲା। ଏଥିରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୪ ଜଣ ଆହତ ହୋଇଥିଲେ। ବିସ୍ଫୋରଣ ପଛରେ ଡାକ୍ତରଙ୍କ ଏକ ଆତଙ୍କୀ ମଡ୍ୟୁଲ୍ ଥିବା ବିଶ୍ୱାସ କରାଯାଉଛି। ହରିଆଣା, କାଶ୍ମୀର ଏବଂ ଉତ୍ତରପ୍ରଦେଶରେ ଆତଙ୍କୀ ନେଟ୍‌ୱାର୍କ ସମ୍ପ୍ରସାରିତ କରିଥିବା ଜଣେ ମହିଳାଙ୍କ ସମେତ ୫ ଡାକ୍ତରଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୨ ଜଣଙ୍କୁ ଗିରଫ କରାଯାଇସାରିଛି। ତେବେ ଏହି ଘଟଣାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରବର୍ତ୍ତୀ ରଣନୀତି ଉପରେ ସଭିଙ୍କ ନଜର ରହିଛି। ତେବେ ଏସବୁ ମଧରେ ବୁଧବାର ପ୍ରଧାନମନ୍ତ୍ରୀ ମୋଦୀ କ୍ୟାବିନେଟ୍ ସ୍ତରୀୟ ବୈଠକ ଡକାଇ ଦିଲ୍ଲୀ ବିସ୍ଫୋରଣ ଘଟଣାକୁ କୌଣସି ପରିସ୍ଥିତିରେ ମଧ ଆତଙ୍କୀ ଆକ୍ରମଣଜନିତ ଯୁଦ୍ଧ ବିବେଚନା କରାଯିବ ବୋଲି ସ୍ପଷ୍ଟ କରିଛନ୍ତି।

## ସିଜିଏସ୍‌ଇକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ରପ୍ତାନିକାରୀଙ୍କ ପାଇଁ ଋଣ ଗ୍ୟାରେଣ୍ଟି ଯୋଜନା (ସିଜିଏସଇ) ଆରମ୍ଭ କରିବାକୁ ଅନୁମୋଦନ କରିଛି। ଏହା ନ୍ୟାସନାଲ୍ ଋଣ ଗ୍ୟାରେଣ୍ଟି ଟ୍ରଷ୍ଟି କମ୍ପାନୀ ଲିମିଟେଡ୍ (ଏନସିଜିଟିସି) ଦ୍ୱାରା ସଦସ୍ୟ ଋଣ ପ୍ରଦାନକାରୀ ସଂସ୍ଥା (ଏମଏଲଆଇ)କୁ ୧୦୦% ଋଣ ଗ୍ୟାରେଣ୍ଟି କଭରେଜ୍ ପ୍ରଦାନ କରିବ ଯାହା ଦ୍ୱାରା ଯୋଗ୍ୟ ରପ୍ତାନିକାରୀଙ୍କୁ ୨୦,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଋଣ ସୁବିଧା ପ୍ରଦାନ କରାଯାଇପାରିବ। ରପ୍ତାନିକାରୀଙ୍କ ମଧରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ମଧ ସାମିଲ ରହିବେ। ଆର୍ଥିକ ସେବା ବିଭାଗ (ଡିଏଫଏସ) ଜାତୀୟ ଋଣ ଗ୍ୟାରେଣ୍ଟି ଟ୍ରଷ୍ଟି କମ୍ପାନୀ ଲିମିଟେଡ୍ (ଏନସିଜିଟିସି) ମାଧମରେ ଏହି ଯୋଜନା କାର୍ଯ୍ୟକାରୀ କରିବ। ଏହାଦ୍ୱାରା ଏମ୍‌ଏଲ୍‌ଆଇଗୁଡ଼ିକ ଏମ୍‌ଏସ୍‌ଏମ୍‌ଇ ସମେତ ଯୋଗ୍ୟ ରପ୍ତାନିକାରୀଙ୍କୁ, ଅତିରିକ୍ତ ଋଣ ସହାୟତା ପ୍ରଦାନ କରିବାକୁ ସକ୍ଷମ ହୋଇପାରିବେ। ଡିଏଫ୍‌ଏସ୍ ସଚିବଙ୍କ ଅଧକ୍ଷତାରେ ଏକ ପରିଚାଳନା କମିଟି ଯୋଜନାର ପ୍ରଗତି ଏବଂ କାର୍ଯ୍ୟକାରିତା ତଦାରଖ କରିବ। ଏହି ଯୋଜନା ଭାରତୀୟ ରପ୍ତାନିକାରୀଙ୍କ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ବୃଦ୍ଧି କରିବ ଏବଂ ନୂତନ ଓ ଉଦୀୟମାନ ବଜାରରେ ବିବିଧତାକୁ ସହଜ କରିବ ବୋଲି ଆଶା କରାଯାଉଛି। ସିଜିଏସ୍‌ଇ ଅଧୀନରେ ସଂପତ୍ତିମୁକ୍ତ ଋଣ ପ୍ରଦାନ କରି ଏହି ଯୋଜନା ନଗଦ ଉପଲବ୍ଧତାକୁ ସୁଦୃଢ଼ କରିବ, ସୁଗମ ବ୍ୟବସାୟିକ କାର୍ଯ୍ୟ ସୁନିଶ୍ଚିତ କରିବ ଏବଂ ୧ ଟ୍ରିଲିୟନ ଆମେରିକୀୟ ଡଲାର ରପ୍ତାନି ଲକ୍ଷ୍ୟ ହାସଲ କରିବା ଦିଗରେ ଭାରତର ପ୍ରଗତିକୁ ସୁଦୃଢ଼ କରିବ।

## ଆଉ ଫେରିବନି ଜଙ୍ଗଲରାଜ: ମୋଦୀ

ନୂଆଦିଲ୍ଲୀ :'ଜଙ୍ଗଲ ରାଜ' କେବେ ବିହାରକୁ ଫେରିବ ନାହିଁ। 'କଟ୍ଟା'(ଅସ୍ତ୍ର) ସରକାର ଫେରିବ ନାହିଁ। ଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି। ବିହାର ବିଧାନସଭା ନିର୍ବାଚନର ଫଳାଫଳ ବିଜେପି ନେତୃତ୍ୱାଧୀନ ଏନଡିଏକୁ ଆଣି ଦେଇଛି ବିପୁଳ ବିଜୟ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟକୁ ଯାଇଥିଲେ। ଯେଉଁଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ସମୟରେ ପାର୍ଟି ମୁଖ୍ୟାଳୟ 'ମୋଦୀ ମୋଦୀ' ନାରାରେ ପ୍ରକମ୍ପିତ ହୋଇଥିଲା। ପିଏମ୍ ମୋଦୀ ମୁଖ୍ୟାଳୟ ପହଁଞ୍ଚିବା ମାତ୍ରେ ପାର୍ଟି ଅଧକ୍ଷ ଜେପି ନଡ୍ଡାଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତା ଶାହ ଏବଂ ଦଳର ଅନ୍ୟ ବରିଷ୍ଠ ନେତା ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ପିଏମ୍ ମୋଦୀ ଗାମୁଛା ହଲାଇ ବିଜେପି କର୍ମୀଙ୍କୁ ବିଜୟର ଶୁଭେଚ୍ଛା ଜଣାଇଥିଲେ। ପରେ ସେ ନିଜ ଉଦବୋଧନରେ କହିଥିଲେ ଯେ 'ବିହାର ବିକାଶ ଏବଂ ସମୃଦ୍ଧି ପାଇଁ ଭୋଟ୍ ଦେଇଛି'। ଏନଡିଏ ସଦସ୍ୟମାନେ ସରକାରୀ ସେବକ। ତେଣୁ ସମଗ୍ର ବିହାର ଘୋଷଣା କରିଛି ଯେ, ପୁଣି ଥରେ ଏନଡିଏ ସରକାର ଗଠନ ହେବ। ସେ କହିଛନ୍ତି ଯେ, ବିହାରର ଲୋକମାନେ ଏକ ବିକଶିତ ବିହାର ପାଇଁ ଭୋଟ ଦେଇଛନ୍ତି। ସେ କହିଛନ୍ତି ଯେ, ବିହାରରେ ଏନଡିଏ ୨୦୧୦ ପରେ ସବୁଠାରୁ ବଡ଼ ଜନାଦେଶ ପାଇଛି। ସେ କହିଛନ୍ତି ଯେ, ଆଜିର ବିଜୟ ବିହାରର ବିକାଶକୁ ନୂତନ ଉଚ୍ଚତାକୁ ନେବାର ପ୍ରତିଜ୍ଞା। ବିହାରରେ ଲାଲୁ-ରାବଡ଼ି କାର୍ଯ୍ୟକାଳକୁ 'ଜଙ୍ଗଲ ରାଜ' ବୋଲି ଅଭିହିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ,'ଜଙ୍ଗଲ ରାଜ' କେବେ ବିହାରକୁ ଫେରିବ ନାହିଁ। ସେ କହିଛନ୍ତି ଯେ, 'କଟ୍ଟା' ସରକାର ଫେରିବ ନାହିଁ। ସେ କହିଛନ୍ତି ଯେ, ବିହାରର କିଛି ଦଳ ତୁଷ୍ଟିକରଣ ଫର୍ମୁଲା 'ଗଣ' ସୃଷ୍ଟି କରିଛନ୍ତି। ଆଜିର ବିଜୟ ଏକ ନୂତନ 'ଗଣ' ସମୀକରଣ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ମୋଦଷ କହିଛନ୍ତି ଯେ, 'ଗଣ' ମହିଳା ଏବଂ ଯୁବପିଢ଼ିଙ୍କ ପାଇଁ ବୁଝାଏ। ବିହାର ହେଉଛି ଦେଶର ସର୍ବାଧିକ ଯୁବ ଜନସଂଖ୍ୟା ଥିବା ରାଜ୍ୟ ମଧ୍ୟରୁ ଗୋଟିଏ। ଏହା ସମସ୍ତ ଧର୍ମ ଏବଂ ଜାତିର ଯୁବକମାନଙ୍କୁ ପ୍ରତିନିଧିତ୍ୱ କରେ। ବିହାରରେ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଁ ସେ ନିର୍ବାଚନ କମିଶନଙ୍କୁ ଶ୍ରେୟ ଦେଇଛନ୍ତି । ସେ କହିଥିଲେ ଯେ, ଏହି ନିର୍ବାଚନରେ ନିର୍ବାଚନ କମିଶନଙ୍କ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ଦୃଢ଼ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ଉଲ୍ଲେଖ କରିଥିଲେ ଯେ, ବିହାରର ନକ୍ସଲ ପ୍ରଭାବିତ ଅଞ୍ଚଳରେ ପୂର୍ବରୁ ମତଦାନ ଅପରାହ୍ନ ୩ଟାରେ ଶେଷ ହୋଇଥାଏ। ମାତ୍ର ଏହି ନିର୍ବାଚନରେ, ଭୟ ବିନା ଏବଂ ଏକ ଉତ୍ସବ ପରି ମତଦାନ କରାଯାଇଥିଲା।ବିହାରର କୌଣସି ପୋଲିଂ ବୁଥରେ ଏଥର ପୁନଃ ମତଦାନ କରାଯାଇ ନାହିଁ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ବିହାରରେ ମତଦାନ କେନ୍ଦ୍ରରେ ହିଂସା ହେଉଥିଲା ଏବଂ ବାଲଟ୍ ବାକ୍ସ ଲୁଟ୍ ହେଉଥିଲା। ପୁନଃ ମତଦାନର ପରିସଂଖ୍ୟାନ କଥା ଉଲ୍ଲେଖ କରି ସେ କହିଛନ୍ତି ଯେ, ୧୯୯୫ ମସିହାରେ ୧,୫୦୦ରୁ ଅଧିକ ବୁଥରେ ପୁନଃ ମତଦାନ କରାଯାଇଥିଲା। ମାତ୍ର ଏଥର ଦୁଇ ପର୍ଯ୍ୟାୟ ନିର୍ବାଚନରେ ପୁନଃ ଭୋଟିଂର କୌଣସି ଆବଶ୍ୟକତା ପଡ଼ିନାହିଁ। ପ୍ରଧାନମନ୍ତ୍ରୀ ମୋଦି ପୁଣି ଥରେ ଛଠ୍ ଉପରେ ରାହୁଲ ଗାନ୍ଧିଙ୍କ ବିବୃତ୍ତିକୁ ଟାର୍ଗେଟ କରି ଅଭିଯୋଗ କରିଥିଲେ ଯେ, ମହାଗଠବନ୍ଧନ ଛଠ୍ ପର୍ବକୁ ଅପମାନ କରିଛି। ଏଥିପାଇଁ ସେ ଆରଜେଡି ଏବଂ କଂଗ୍ରେସକୁ କ୍ଷମା ନ ମାଗିବା ପାଇଁ ସମାଲୋଚନା କରିଥିଲେ।

## ଶୀତ ସକାଳ

ରାତିର କାକର ସକାଳ ଖରାରେ
ରୁପା ଫୁଲ ପରି ଦିଶୁଛି
କଅଁଳିଆ ଖରା ଦେହରେ ବାଜିକି
କୁନି ପୁଅ ରାମ ହସୁଛି
ନବୀନଙ୍କୁ ସାଙ୍ଗ ଡାକୁଛି,
ଆ.. ଯିବା ଭାଇ ନିଆଁ ପୋଇଁବାକୁ
ଉଷୁମକୁ ମନ ଟାକୁଛି।
ଗେଣ୍ଡୁ, ମଣ୍ଡା ଫୁଲ ଉପରେ ଉପରେ
ପରଜାପତିଟି ଉଡ଼ିଲା
ରବି ଫସଲରେ ହସିବ ଏ ଧରା
ମୁଣ୍ଡେ ଚାଷୀ ପାଗ ଭିଡ଼ିଲା
ଧାନ କଟା ଯନ୍ତ୍ର ରଡ଼ିଲା,
ଜିଲୁ ପତି କହେ କି ଯନ୍ତ୍ର ହେଲା ଯେ
ମୂଲିଆଙ୍କ ଭେଳା ବୁଡ଼ିଲା।
ଗୁରୁବାରେ ମାଣବସା ହେବ ବୋଲି
ଗୋଲି ନାନୀ ଚିତା ଦଉଛି
ବାଟିଦିଏ ଆଉ ଚାଉଳ ପୁଞ୍ଜିଏ
ମାମାକୁ ଆମର କହୁଛି
ଆଜି ଭାରି ଶୀତ ହଉଛି
ବାବା କହୁଛନ୍ତି କଷ୍ଟ କରନାହିଁ
କିଣିକି ଷ୍ଟିକର ନଉଛି।
ଶୀତ ଚାରିମାସ ହଉଛି ବୋଲି ତ
ମଉଜ ମଉଜ ଲାଗୁଛି
କେତେ କେତେ କାମ କରିବା ପାଇଁକି
ମୋ ସାଙ୍ଗଙ୍କ ମନ ଜାଗୁଛି
ଆଦି ଭାଇ ଟଙ୍କା ମାଗୁଛି
ବ୍ୟାଟ୍ ମିଣ୍ଟନ୍ କିଣିବା ଗୋଟିଏ
ଅଳସରେ ଦେହ ଭାଙ୍ଗୁଛି।

**ମାଧବ ଚନ୍ଦ୍ର ଦାଶ**
ବ୍ରାହ୍ମଣକୁଶଡିହ, ଖୋର୍ଦ୍ଧା

## କବିର ସୃଷ୍ଟି

ଅଚାନକ ଗୋଟିଏ ଦିନ
ମନରେ ଉଠୁଥିଲା
ଦ୍ୱନ୍ଦ୍ୱର ବିଭୀଷିକା
ଧୋବ ଫରଫର ଧଳାକାଗଜକୁ
ଛୁଇଁଥିଲା କଲମର ଛାତି।
ଖୋଜି ଆଣିଥିଲା ମନର
ଅନ୍ଧାରି ମୁଲକରୁ
କିଛି ଶବ୍ଦ ଯୋଡ଼ି ଦେଇଥିଲା
ମନ ମୁତାବକ
ସେ ଦିନ ହୋଇଥିଲା
ଗୋଟିଏ କବିର ସୃଷ୍ଟି।
ବିପ୍ଳବ ଦିନକୁ ଦିନ
ଆହୁରି ସଂଘର୍ଷମୟ
ହୋଇ ଚାଲିଥିଲା।
କିଛି ସମାଜର ଶିକ୍ଷା
କିଛି କାହାର
ମୁଖନିଃସୃତ ଶବ୍ଦର ଭିକ୍ଷା
ପୁଣି କିଛି ନିଜ ହୃଦୟର
ଅନେକ ଅନୁଭବ
ଓ ଅନୁଭୂତିରୁ ଗଢ଼ା
ସୁନ୍ଦର ଅକ୍ଷରମାନେ।
ସବୁ ସେ ଯୁଦ୍ଧରେ
ଭାଗ ନେଉଥିଲେ
ନିଜକୁ ଜୟ ପରାଜୟର
ଏ ବ୍ୟବସ୍ଥାରେ
ଜୟ କରାଇବା ଲାଭ
ଓ ଆଶାରେ।
କେବେ ବଡ଼ ବଡ଼ ଛାପାଖାନାର
ସେ ଧୂସରିଆ କାଗଜରେ
ନିଜ ଶବ୍ଦ ଗୋଡ଼କୁ
ଆନନ୍ଦରେ ବିଚରଣ
କରୁଥିବାର ଦେଖି
ମନ ଆନ୍ଦୋଳିତ ହେଉଥିଲା ତ
ପୁଣି କେବେ କୌଣସି ରଙ୍ଗୀନ
ଖସରା ତେଲିଆ କାଗଜରେ
ନିଜ ଶବ୍ଦଗୁଡ଼ିକ
ରଙ୍ଗୀନ ଫୁଲ ପରି
ଅନେକ ରଙ୍ଗ ବିଛାଇଥିଲେ।

**ମୀନାକ୍ଷୀ ଦାଶ**
ଛେଣ୍ଡ କଲୋନୀ, ରାଉରକେଲା

# ନୀରବତାର ଭାଷା



**ଆରତୀ ପଟ୍ଟଯୋଷୀ**

ଟିକେ ଥୟଧର 'ଶ୍ରୀମତୀ', ଏବେ ସୋମୁ ଓ ବୋହୁ ଆସି ପହଞ୍ଚି ଯିବେ। ଘରୁ ସେମାନେ କେତେବେଳୁ ବାହାରି ସାରିଲେଣି, ଫୋନ କରିଥିଲେ ପରା। ତୁମେ ଏମିତି ବ୍ୟସ୍ତ ହେଲେ ହେବ? ମୃତ୍ୟୁ ଶଯ୍ୟାରେ ପୁଅକୁ ଅପେକ୍ଷା କରିଥିବା ସ୍ତ୍ରୀ "ଶ୍ରୀମତୀ"ଙ୍କୁ ବାରମ୍ବାର ଏମିତି କହି ବୋଧ ଦେଉଥିଲେ ସ୍ୱାମୀ "ଅରବିନ୍ଦ"।

ବାହାରେ ଗାଡ଼ି ରହିବାର ଶବ୍ଦରେ ଆଖି ତରାଟି ଚାହିଁଲେ ଶ୍ରୀମତୀ। ହେଇଟି !! "ମୋ ପୁଅ ଆସିଲାଣି ବୋଧେ"ର ଭାବଟିଏ ସ୍ପଷ୍ଟ ଫୁଟି ଉଠୁଥିଲା ତାଙ୍କ ନିଷ୍ପ୍ରଭ ଆଖିରେ। ତରତର ହୋଇ ଘର ଭିତରକୁ ପଶି ଆସିଲେ ପୁଅ ବୋହୂ। ସଦା ଚଳଚଞ୍ଚଳ ମାଆର ଏ ନିସ୍ତେଜ ଅବସ୍ଥା ଦେଖି ଛଳ ଛଳ ଆଖିରେ ମୁହଁରେ ଗଙ୍ଗାପାଣି ଟୋପେ ଦେଇ "ବୋଉ" ବୋଲି ଡାକିଦେଲା ପୁଅ। ଭାରି ସ୍ପଷ୍ଟ ଭାବେ ହୁଁଟିଏ ମାରି ପୁଅକୁ ଏକା ଲୟରେ ଚାହିଁ ରହିଥିଲେ ଶ୍ରୀମତୀ। ବାସ୍...! ସବୁ ଶେଷ....! ପ୍ରାଣପକ୍ଷୀ ଟି ସତେ ଯେମିତି ପୁଅକୁ ହିଁ ଅପେକ୍ଷା କରି ରହିଥିଲା।

ଦଶ ବାର କାମ ସରିଲା। ପହଞ୍ଚିଲା ପୁଅର ଲେଉଟାଣି ବେଳ। ବୋଉ ଯିବା ପରଠୁ ସବୁଆଡେ ଶୁନ୍‌ଶାନ୍। ବାପା ନୀରବ, ଘର ନୀରବ, ଖାଁ ଖାଁ ଚାରିଆଡ଼େ, ଖାଲି ଶୂନ୍ୟତାର ରାଜୁତି। ଆରାମ ଚେଆର ଉପରେ ଆଖିମୁଜି ଚୁପ ଚାପ ବସିଥିଲେ ଅରବିନ୍ଦ, ମନ ଭିତରେ ଘାଣ୍ଟି ହେଉଥିଲା ଅତୀତ। ପୁଅ ଡାକରେ ଆଖି ଖୋଲିଲେ ଅରବିନ୍ଦ। ହଁ !! କଣ କହିବୁ? ବାପା, ଆମେ କାଲି ଫେରିଯିବୁ। ଧୀର ଭାବରେ ପୁଅ କହିଲା।

"ହଁ !! ହଉ ଯାଅ"

ଆଉ ତୁମେ?

"ମୁଁ କୁଆଡେ ଯିବି"?

କିନ୍ତୁ ତୁମେ ଏଠି ଏକୁଟିଆ କେମିତି ରହିବ ?

"ଆରେ ମୋ କଥା ଚିନ୍ତା କରନା"

ନାଇଁ ବାପା, ଆପଣଙ୍କୁ ଏକା ଛାଡି ଆମେ ଯାଇ ପାରିବୁନି।

ହସିଲେ ଅରବିନ୍ଦ, "ମୁଁ ଏକା କୋଉଠିରେ ମାଆ? ତୋ ଶାଶୁ ପରା ମୋ ସହ ସବୁବେଳେ ଅଛି"।

ନାଇଁ ବାପା ତୁମେ ଆମ ସଙ୍ଗେ ଯିବ ଦ୍ୟାଟିକ ଫାଇନାଲ। ତୁମେ'ତ ଜାଣ ଆମେ ଦୁହେଁ ପ୍ରାଇଭେଟ ଚାକିରିଆ, ଛୁଟି ଖୁବ କମ୍, କେମିତି ତୁମକୁ ଏଠି ଏକା ଛାଡ଼ିବୁ? ତା ଛଡା ଆମେବି କେତେଥର ଛୁଟି ନେଇ ଆସିପାରିବୁ? ତେଣୁ ଅଯଥା ଜିଦ୍ ନକରି ନିଜ ଜିନିଷ ସଜାଡ ଓ ଆମ ସାଥିରେ ଚାଲ। ପୁଅ ତାର ନିଷ୍ପତି ଶୁଣେଇଲା ଓ ଚାଲିଗଲା। ସବୁଦିଗରୁ ଚିନ୍ତାକଲେ ଅରବିନ୍ଦ, ସତରେ ପୁଅ'ବି କିଛି ଭୁଲ କହୁନଥିଲା। ପ୍ରକୃତରେ କେତେଥର ସେମାନେ ବା ଆସି ପାରିବେ? ଦିଲ୍ଲୀ ବି କିଛି ପାଖବାଟ ନୁହେଁ ନା...? ଅଗତ୍ୟା ଦୀର୍ଘ ନିଶ୍ୱାସଟେ ଛାଡି ଉଠିଲେ ଅରବିନ୍ଦ। ଜିନିଷ ପତ୍ର ସଜାଡି ପୁଅ ସହ ଯିବାକୁ ପ୍ରସ୍ତୁତ ହେଲେ।

ଦିଲ୍ଲୀରେ ଫ୍ଲାଟ ଘର। ବିରାଟ ବିରାଟ ଆପାର୍ଟମେଣ୍ଟ। ୧୧ ମହଲାରେ ଥାଏ ପୁଅର ଘର। ପୁଅ ବୋହୁଙ୍କ ସହ ଲିଫ୍‌ଟରେ ପ୍ରଥମକରି ଚଢିଲେ ଅରବିନ୍ଦ। ଘର ଭିତରେ ପଶି ଚାରିଆଡେ ବୁଲି ଦେଖିଲେ। ଆରେ ଇୟା ନାଁ ଘର...? ଏ'ତ ପିଞ୍ଜରା ଭିତରେ ରହିଲା ଭଳି ଲାଗୁଛି। ଭୀଷଣ ଅଣ ନିଶ୍ୱାସୀ ଲାଗୁଛି ଏଠି। ନା ଦାଣ୍ଡ ଅଛି ନା ବାରି। ତୁଳସୀ ଗଛଟିଏ ପୋତିବାକୁ ବି ଜାଗାଟିଏ ନାହିଁ। ଘରର ବାଲକୋନୀ କୁ ଗଲେ ଅରବିନ୍ଦ। ହଁ ! ଏଇ ବାଲକୋନୀ ଓ ଏଠି ବନ୍ଧା ହୋଇଥିବା ଦୋଳି, ଏତିକି ହିଁ ଭଲ ଲାଗିଲା ଅରବିନ୍ଦଙ୍କୁ। ଅନ୍ତତଃ ପକ୍ଷେ ଏଠି ଟିକେ ନିଶ୍ୱାସ ନେଇ ହେଉଛି।

ପରଦିନଠାରୁ ପୁଅ ବୋହୂଙ୍କ ରୁଟିନ୍ ଲାଇଫ ଆରମ୍ଭ ହୋଇଗଲା। ଭୋର ପାଞ୍ଚଟାରୁ ଉଠ ଆଉ ମିଳିମିଶି ରୋଷେଇ କର। ଏକାଠି ତରତର ହୋଇ ଖାଅ, ଆଉ ଏକାଠି ଅଫିସ ଯାଅ। ଗଲାବେଳେ ବୋହୂ କହିଯାଏ ବାପା, ରୋଷେଇ କରି ଦେଇଛି ଖାଇ ନେବେ। ବାକି ସବୁ ଯେମିତି ଥିବ ମୁଁ ଫେରିଲେ ସଫା ସଫି କରିବି। ଫ୍ରିଜରେ ଫଳ ମିଠା ସବୁ ରଖିଛି, ଡ୍ରୟାରରେ ସ୍ନାକ୍ସ ବି ଅଛି, ଭୋକ ହେଲେ ଖାଇ ନେବେ। ହଁ! ଆଜି ଅନ୍‌ଲାଇନ୍‌ରେ ଆପଣଙ୍କ ଲାଗି ମାଗାଜିନ ମଗେଇଦେବି। ଆପଣ ବସି ଟିଭି ଦେଖନ୍ତୁ, ପତ୍ର ପତ୍ରିକା ପଢ଼ନ୍ତୁ, ବୋର୍ ଲାଗିବନି। କିଛି ଦରକାର ହେଲେ ଫୋନ କରିବେ। ଖାଇପିଇ ହସଖୁସିରେ ସମୟ କାଟନ୍ତୁ।

ଯେତେ ଯାହା ବ୍ୟବସ୍ଥା ଥିଲେ ମଧ ପୁଅବୋହୂ ଗଲା ପରେ କିନ୍ତୁ, ବହୁତ ଏକା ଲାଗେ ଅରବିନ୍ଦଙ୍କୁ। ଏ ନିବୁଜ ଘରଟାରେ ଏକୁଟିଆ କେତେ ସେ ବସି ରହିବେ? ବାହାରକୁ ଯିବାର ଉପାୟ ବି ନାହିଁ। କାରଣ ଓଡ଼ିଆ ଛଡ଼ା ଆଉ କିଛି ଭାଷାବି ତ ଜାଣନ୍ତିନି ସେ। ଭାରି ଏକା ଏକା ଲାଗେ। କାହା ସହ ଦୁଇପଦ କଥା ହେବାକୁ ମନଟା ଛଟପଟ ହୁଏ ତାଙ୍କର। ମନେହୁଏ ସମୟ ଯେମିତି ଅଟକିଯାଏ। ଘରସାରା ଏକାଏକା ପଦ ଚାରଣ କରୁଥାନ୍ତି ଅରବିନ୍ଦ। ନିଜ ସହ ନିଜେ କଥା ହୁଅନ୍ତି। ସମୟ କାଟିବା ପାଇଁ ଘରସାରା ବୁଲି ବୁଲି କାମ ଖୋଜନ୍ତି। ଦିନେ ମନେ ମନେ ଭାବିଲେ, ଯଦି ସେ ବୋହୂକୁ କାମରେ ଟିକେ ସାହାଯ୍ୟ କରନ୍ତେ ତେବେ ତାଙ୍କ ସମୟ ବି କଟିଯାଆନ୍ତା ବୋହୂକୁ ବି ଟିକେ ଆରାମ ମିଳନ୍ତା। ବିଚାରି ସିଆଡୁ ଚାକିରୀ କରି ଆସି ଇଆଡ଼େ ଘର ଯାକର ଯାବତୀୟ କାମରେ ହଇରାଣ ହେଉଛି। ଏମିତି ସବୁ ଚିନ୍ତା କରି, ଦିନ ବେଳାର ଖାଇବା ବାସନତକ ମାଜି ବସିଲେ ଅରବିନ୍ଦ। ବାସନ ଥାକ ସଜାଡ଼ିଲେ, ରୋଷେଇ ଘର ଥାକ ସବୁକୁ ସଫାସଫି କରି ସଜାଡ଼ିଲେ। ସବୁ ରୁମ୍‌ର ବେଡ୍‌ସିଟ୍ ଗୁଡ଼ିକୁ ଝଡା ଝଡି କରି ସଜାଡ଼ିଲେ। ରାତି ଖାଇବା ପାଇଁ ଅଟା ଚକଟି ଦେଲେ। ଫ୍ରିଜ ଭିତରୁ ପରିବା କାଢି, କଟା କଟି କରି ଡାଲମା କରିକି ରଖିଲେ। ଏତେ ସବୁ କଲାପରେ ମଧ ତାଙ୍କ ପାଇଁ ସମୟ ସରୁନି। ଶେଷରେ ନିରୁପାୟ ହୋଇ ବାଲକୋନୀ ଦୋଳିରେ ଯାଇ ବସିଲେ। ସନ୍ଧ୍ୟାରେ ବୋହୂ ଫେରି ଘରର ପରିବର୍ତ୍ତିତ ରୂପ ଦେଖି ଆଶ୍ଚର୍ଯ୍ୟ ହୋଇଗଲା। ପଚାରିଲା, "ଏସବୁ କିଏ କଲା ବାପା"?

ମୁଁ କଲିରେ ମାଆ, କେତେ ଖାଲିଟାରେ ବସିବି। ଭାବିଲି କିଛି କାମ କରେ, ଅନ୍ତତଃ ସମୟ କଟିଯିବ। ନାଇଁ ବାପା, ଆପଣ ଏସବୁ କରିବେନି। ମୁଁ କଣ ଏଠିକୁ ଆପଣଙ୍କୁ କାମ କରିବାକୁ ଆଣିଛି? ଏ ସବୁ ଦେଖିଲେ, ଆପଣଙ୍କ ପୁଅ ଭାବିବେ, ଘର କାମ କରିବାକୁ, ମୁଁ ଆପଣଙ୍କୁ କହିଛି। ପ୍ଲିଜ ବାପା, ଆମ ଭିତରେ ଭୁଲ ବୁଝାମଣା ସୃଷ୍ଟି କରନ୍ତୁନି। ହେଲେ ନିରୁପାୟ ଅରବିନ୍ଦ।

ପୁଅବୋହୂଙ୍କ ରୁଟିନ୍ ବନ୍ଧା ଜୀବନ, ଦୁହେଁ କର୍ମଜୀବୀ। ଅଫିସରୁ ଫେରି ପୁଅ ଲାପ୍‌ଟପ୍‌ରେ ଓ ବୋହୂ ରୋଷେଇ ଘରେ। ନାଇଁ ବୋହୂର ଯଦି କିଛି ଅଫିସ କାମ ଅଛି, ତେବେ ହୋଟେଲରୁ ମଗେଇ ଖାଅ। ଦୁଇପଦ କଥା ହେବା ପାଇଁ କାହା ପାଖରେ ସମୟ ନାହିଁ। ସ୍ତ୍ରୀଙ୍କ ଶାଢ଼ିକୁ ଚେୟାର୍‌ରେ ଘୋଡେଇ ଦେଇ ଗପନ୍ତି ଅରବିନ୍ଦ। ଖଟ ଉପରେ ସ୍ତ୍ରୀଙ୍କ ଶାଢ଼ିକୁ ରଖି ତାଙ୍କ ଉପସ୍ଥିତିକୁ ଅନୁଭବ କରନ୍ତି ସେ। ଏବେ ତାଙ୍କର ଗୋଟେ ନୂଆ ସଉକ ମୁଣ୍ଡରେ ପଶିଛି। ବାଲକୋନୀରେ ବସି କିଛି ଚାଉଳ ପାଖରେ ଉଡୁଥିବା ଚଢ଼େଇମାନଙ୍କ ପାଇଁ ବୁଣି ଦିଅନ୍ତି। କିଛି କିଛି ବଣି ଚଢ଼େଇ ଘର ଭିତରକୁ ପଶି ଆସି ସେସବୁ ଖାଆନ୍ତି। ଧୀରେ ଧୀରେ ସେମାନେ ପାଲଟିଯାଆନ୍ତି ଅରବିନ୍ଦଙ୍କ ସାଥି। ସେମାନଙ୍କ ସହ ସେ ଗପନ୍ତି। ଚଢ଼େଇଗୁଡ଼ା ବି ଏବେକୁ ଅରବିନ୍ଦଙ୍କୁ ଚିହ୍ନି ଗଲେଣି। କେବେ କେବେ ତାଙ୍କ ଦୋଳିରେ ତ କେବେ ପୁଣି କାନ୍ଧରେ ହେଉ କି ହାତରେ ଆସି ବସିଯାଆନ୍ତି। ସେ ଘର ଭିତରକୁ ଗଲେ ବଣି ଚଢ଼େଇମାନେ ବି ତାଙ୍କୁ ଅନୁସରଣ କରନ୍ତି। ଅରବିନ୍ଦଙ୍କ ଅଲକ୍ଷ୍ୟରେ ପୁଅବୋହୂ ବି କେତେ ଥର ଏସବୁ ଲକ୍ଷ କଲେଣି। ଭାବନ୍ତି ବୋଧ ହୁଏ ବୟସର ପ୍ରଭାବ। ଧୀରେ ଧୀରେ ବାପାଙ୍କର ମତିଭ୍ରମ ହେଲାଣି ବୋଧେ। ଏମିତି ସବୁ ପାଗଳାମି ଭିତରେ କାହାକୁ କିଛି ହଇରାଣ ନକରି ଦିନେ ହାର୍ଟ ଆଟାକ୍ ରେ ଆରପାରିକି ଚାଲିଗଲେ ଅରବିନ୍ଦ।

ବୋଉ କେବେଠୁ ଚାଲି ଯାଇଥିଲା, ଥିଲେ କେବଳ ବାପା, ଯାହାଙ୍କ ଉପସ୍ଥିତିରେ ନିଜକୁ ଭାଗ୍ୟବାନ ମଣୁଥିବା ପୁଅ ସୌମେନ୍ଦ୍ର ଆଜି ପୁରାପୁରି ଏକା ହୋଇଗଲା। ବାପାଙ୍କ ଅନୁପସ୍ଥିତିରେ ଭାଙ୍ଗିପଡ଼ିଲା ସୌମେନ୍ଦ୍ର। ନିଜକୁ ସ୍ଥିର ଓ ସହଜ କରିବା ପାଇଁ କିଛିଦିନ ଛୁଟି ନେବା ଉଚିତ ମଣିଲା। ସ୍ତ୍ରୀ ଅଫିସକୁ ଚାଲିଗଲା ପରେ ଖାଲି ଖାଲି ଘରଟା ଭିତରେ ବାପାଙ୍କୁ ଖୋଜୁଥିଲେ ସୌମେନ୍ଦ୍ର। ଅନୁଭବ କରୁଥିଲେ ଆପାର୍ଟମେଣ୍ଟର ବନ୍ଦୀ ଘର ଭିତରେ ସେଦିନର ବାପାଙ୍କ ଅସହାୟତାକୁ। ଚେୟାର୍‌ରେ ବୋଉ ଶାଢ଼ିକୁ ରଖି ବାପାଙ୍କର ମନକୁ ମନ କଥା ହେବାର କାରଣ। ବାହାର ବାଲକୋନୀରେ ଯାଇ ଏକୁଟିଆ କିଛି ସମୟ ପାଇଁ ଠିଆ ହେଲେ ସୌମେନ୍ଦ୍ର। ମେଞ୍ଚେ ବଣି ଚଢ଼େଇ ଚୁପ୍‌ଚାପ୍ ହେଇ ବସିଛନ୍ତି। ସେମାନଙ୍କୁ ଦେଖି ହଠାତ୍ କିଚିରିମିଚିରି ଶବ୍ଦ କରି ଉଠିଲେ ଚଢ଼େଇଗୁଡ଼ିକ। ସେମାନଙ୍କ ଭିତରୁ କେତେଜଣ ଘର ଭିତରକୁ ମଧ ପଶି ଆସିଲେ। ବାପାଙ୍କ ପାଇଁ ପଡ଼ିଥିବା ଖଟ, ଚେୟାର, ସବୁଠି ବଣି ଚଢ଼େଇଙ୍କ କିଚିରି ମିଚିରି, ଯେମିତିକି ସେମାନେ ପଚାରୁଛନ୍ତି ଆମ ସାଙ୍ଗ କାଇଁ? କୁଆଡ଼େ ଗଲେ ଆମ ସାଙ୍ଗ? ଭୋ, ଭୋ, ହୋଇ କାନ୍ଦି ଉଠିଲେ ସୌମେନ୍ଦ୍ର। ପାଟିରୁ ବାହାରି ଆସିଲା, "ମୋତେ କ୍ଷମା କର ବାପା"। ଖୋଲା ଆକାଶରୁ ଟାଣି ଆଣି ତୁମକୁ ମୁଁ ହିଁ ସୁନା ପଞ୍ଜୁରୀରେ ବାନ୍ଧି ରଖିଥିଲି। ବୁଝି ପାରିଲିନି ତୁମେ କେତେ ଏକା ଏକା ଅନୁଭବ କରୁଥିବ? ଯାହାକୁ ଏ ସାମାନ୍ୟ ବଣି ଚଢେଇ ମାନେ ବୁଝିପାରିଲେ। ଅଥଚ, ସତରେ ପଞ୍ଜୁରୀ ଲୁହାର ହେଉ ଅବା ସୁନାର, ପଞ୍ଜୁରୀ ତ ପଞ୍ଜୁରୀ ନା? ଆମ ଅନୁପସ୍ଥିତିରେ କେତେ ଅସହାୟ ଅବସ୍ଥା ଥିବ ବାପାଙ୍କର? ସେଇଥିପାଇଁ ବୋଧେ ସେ ଏ ବଣି ଚଢ଼େଇ ମାନଙ୍କ ସହ କଥା ହେଉଥିଲେ, ଯେଉଁଟାକୁ କି ଆମକୁ ବାପାଙ୍କ ମୁଣ୍ଡ ଖରାପ ବୋଲି ଲାଗୁଥିଲା। ନା, ପଛ କଥାକୁ ମନେ ପକେଇ କିଛି ଲାଭ ନାହିଁ। ନିଜକୁ ନିଜେ ବୁଝେଇଲା। ଏବେ ସେ ଏ ଚଢେଇ ମାନଙ୍କ ଭିତରେ ହିଁ ବାପାଙ୍କୁ ଦେଖିବ। ସେ'ବି ସେମାନଙ୍କ ସହ ଗପିବ। ଘର ଭିତରକୁ ଯାଇ କିଛି ଚାଉଳ ଆଣି ବାଲକୋନି ରେ ବିଞ୍ଚି ଦେଲେ ସୌମେନ୍ଦ୍ର। ହଠାତ୍ ଦଲକାଏ ଥଣ୍ଡା ପବନ ତାଙ୍କୁ ପଛପଟୁ ଧକ୍କା ଦେଲା ଭଳି ଲାଗିଲା। ପଛକୁ ବୁଲି ଚାହିଁଲେ ସୌମେନ୍ଦ୍ର, କେହି ନଥିଲେ ସତ, ହେଲେ କାହାର ଜଣଙ୍କର ଉପସ୍ଥିତି ଜାହିର କରି ଦୋଳିଟି କିନ୍ତୁ ଦୋହଲୁଥିଲା। ଆଉ ସେଇ ଝୁଲୁଥିବା ଦୋଳିରୁ ସୌମେନ୍ଦ୍ର ସ୍ପଷ୍ଟ ବୁଝି ପାରୁଥିଲେ ନୀରବତାର ଭାଷା।

***ରଥରୋଡ୍, ଭୁବନେଶ୍ୱର***




# ଅଜବ ଆଇବ୍ରୋ ମେକ୍‌ଅପ୍





ଆଇବ୍ରୋ ବା ଭ୍ରୁଲତାର ମେକ୍‌ଅପ୍ ଚେହେରାର ଲୁକ୍ ବଦଳାଇ ଦିଏ। ତେଣୁ ଏହାକୁ ନେଇ ହୁଏ ଅନେକ ଏକ୍ସପେରିମେଣ୍ଟ୍। କିଛି ଆଇବ୍ରୋ ମେକ୍‌ଅପ୍ ବେଳେବେଳେ ଏତେ ଅଜବ ସହ ଆକର୍ଷକ ହୋଇଛି ଯେ, ତାହା ସୋସିଆଲ ମିଡିଆରେ କରିଛି ଟ୍ରେଣ୍ଡ। ସେମିତି କେତୋଟି ଆଇବ୍ରୋ ମେକ୍‌ଅପ୍ ସମ୍ପର୍କରେ..

**ୱେଭି ଆଇବ୍ରୋ:** ସମୁଦ୍ରର ଢେଉ ତଥା ଜଳ ତରଙ୍ଗ ପରି ଦେଖିବାକୁ ଏହି ଆଇବ୍ରୋ ମେକ୍‌ଅପ୍। ଜେସିକା ବ୍ରୋଡରସନ୍ ନାମକ ମେକ୍‌ଅପ୍ ଆର୍ଟିଷ୍ଟ ପ୍ରଥମେ ଏହି ଆଇବ୍ରୋ ମେକ୍‌ଅପ୍ କରି ୨୦୧୭ରେ ସୋସିଆଲ ମିଡିଆରେ ତା'ର ଫଟୋ ଅପଲୋଡ୍ କରିଥିଲେ। ପରେ ଏହା ଟ୍ରେଣ୍ଡ ପାଲଟିଯାଇଥିଲା। ଏଥିରେ ମୋଟା ଭ୍ରୁଲତାକୁ ସେ ଢେଉର ରୂପ ଦେଇଥିଲେ। ତେବେ ଏଥିପାଇଁ ଭ୍ରୁଲତାକୁ ସେହି ଆକାରରେ କାଟି ନ ଥିଲେ ବରଂ ସେ ଆଇବ୍ରୋ ପେନ୍‌ସିଲ୍‌ର ବ୍ୟବହାର କରିଥିଲେ।



**ରେନ୍‌ବୋ ଆଇବ୍ରୋ:** ଆଲେକ୍‌ଜାଣ୍ଡ୍ରା ମାରିନୋ ପ୍ରଥମକରି ବିଭିନ୍ନ ପ୍ରକାରର ଭାଇବ୍ରାଣ୍ଟ କଲର୍ ବ୍ୟବହାର କରି ଆଇବ୍ରୋକୁ ରେନ୍‌ବୋ ଲୁକ୍ ଦେଇଥିଲେ। ଯାହା ରେନ୍‌ବୋ ଆଇବ୍ରୋ ଭାବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରିଥିଲା। ଏହି ଲୁକ୍ ବେଶ୍ ଗ୍ଲାମର୍ସ ଥିଲା। ଏହି ଲୁକ୍ ସହ ସେ ନିଜ କେଶକୁ ବି ବିଭିନ୍ନ ରଙ୍ଗରେ କଲର୍ କରିଥିଲେ।



**ବ୍ରେଡେଡ ବ୍ରୋ:** କେଶରେ ବିଭିନ୍ନ ପ୍ରକାରର ବ୍ରେଡ ବା ବେଣୀ କରାଯାଏ। ଯାହା ଭିନ୍ନ ଭିନ୍ନ ଲୁକ୍ ଦେଇଥାଏ। ହେଲେ ଭ୍ରୁଲତାରେ ଯେ ବେଣୀ କରିହେବ ସେ କଥା କେହି ଚିନ୍ତା କରି ନ ଥିବେ। ମେକ୍‌ଅପ୍ ଆର୍ଟିଷ୍ଟ୍ ଏରୋସ୍ ଗୋମେଜ୍ ଭ୍ରୁଲତାରେ ବେଣୀ କରିବାକୁ ପ୍ରୟାସ କରିଥିଲେ। ଭ୍ରୁଲତାର ଏହି ଲୁକ୍ ଦେଖି ଭ୍ରୁଲତାରେ ବା ବେଣୀ କେମିତି ହୋଇପାରିଲା ଭାବୁଥିବେ। ହେଲେ ଏ ହେଉଛି ମେକ୍‌ଅପ୍ ଆର୍ଟିଷ୍ଟ ଏରୋସ୍‌ଙ୍କ ହାତର ଯାଦୁ। ସେ ଏପରି ଅପ୍ଟିକାଲ୍ ଇଲ୍ୟୁଜନ୍ ଆର୍ଟ ଭ୍ରୁଲତାରେ କରିଛନ୍ତି ଯେ, ଯାହାକୁ ଦେଖିଲେ ଭ୍ରୁଲତାରେ ବେଣୀ ପକାଯାଇଥିବା ପରି ଦେଖାଯାଏ।

**ଫିଶ୍‌ଟେଲ୍ ବ୍ରୋ:** ୨୦୧୮ରେ ଆଇବ୍ରୋର ଆଉ ଏକ ନୂଆ ଟ୍ରେଣ୍ଡ ଆସିଥିଲା। ଆମେରିକୀୟ ମେକ୍‌ଅପ୍ ଆର୍ଟିଷ୍ଟ ତଥା ବିଉଟି ଭ୍ଲଗର୍ ହୁଡା କତନ୍ ଭ୍ରୁଲତାରେ ଏହି ମେକ୍‌ଅପ୍ କରି ତାକୁ ସୋସିଆଲ୍ ମିଡିଆରେ ଶେୟାର କରିଥିଲେ। ଏଥିରେ ଭ୍ରୁଲତାର ମେକ୍‌ଅପ୍ ଫିଶଟେଲ୍ ପରି କରାଯାଇଥିଲା। ଯାହା ସୋସିଆଲ ମିଡିଆରେ ବେଶ୍ ଟ୍ରେଣ୍ଡ କରିଥିଲା। ଏହି ଆଇବ୍ରୋ ମେକଅପ୍‌ରେ ଭ୍ରୁଲତାର ପଛ ଅଂଶକୁ ଦୁଇଟି ଭାଗରେ ବିଭକ୍ତ କରି ଉପରଭାଗକୁ ଉପରକୁ ମୋଡ଼ି ଓ ତଳଭାଗକୁ ତଳକୁ ମୋଡ଼ି ମାଛ ଲାଞ୍ଜର ଲୁକ୍ ଦିଆଯାଇଥିଲା।

**ଫିଦରଡ୍ ବ୍ରୋ:** ୨୦୧୭ରେ ଆଉ ଏକ ଆଇବ୍ରୋ ମେକ୍‌ଅପ୍ ବେଶ୍ ଟ୍ରେଣ୍ଡ କରିଥିଲା। ସେ ହେଉଛି ଫିଦର୍‌ଡ ବ୍ରୋ। ମେକ୍‌ଅପ୍ ଆର୍ଟିଷ୍ଟ ଷ୍ଟେଲା ସେରୋନେନ୍ କରିଥିବା ଏହି ଆଇବ୍ରୋ ମେକ୍‌ଅପ୍ ଥିଲା ବେଶ୍ କୁଲ୍। ଏଥିରେ ସେ ଆଇବ୍ରୋକୁ ପକ୍ଷୀର ପର ପରି ଲୁକ୍ ଦେଇଥିଲେ। ଏହି ଲୁକ୍ ପାଇଁ ସେ ଆଇବ୍ରୋକୁ ଲମ୍ବାଭାବେ ମଝିରୁ ଦୁଇଭାଗରେ ବିଭକ୍ତ କରି ଉପରଭାଗକୁ ଉପରକୁ ଓ ତଳଭାଗକୁ ତଳକୁ ବ୍ରଶ୍ କରିଥିଲେ।

**ଜୁଏଲ୍ଡ ଆଇବ୍ରୋ:** ସୁନ୍ଦର ରଙ୍ଗିନ ତଥା ଦାମୀ ରତ୍ନ ପଥରରେ ଆଇବ୍ରୋକୁ ସଜାଇ ଏକ ଗ୍ଲାମର୍ସ ଲୁକ୍ ଦେଇଥିଲେ ଜିପ୍ସି ଶ୍ରାଇନ୍। ବେଶ୍ ଆକର୍ଷକ ଲାଗୁଥିବା ଏହି ଆଇବ୍ରୋ ମେକ୍‌ଅପ୍ ମଡେଲଙ୍କୁ ଦେଉଥିଲା ଏକ ଭିନ୍ନ ଲୁକ୍।

**ଲାଇଟିଂ ବୋଲ୍ଟ ଆଇବ୍ରୋ:** ଏହି ଆଇବ୍ରୋ ମେକ୍‌ଅପ୍ ଲାଗି ମେକ୍‌ଅପ୍ ଆର୍ଟିଷ୍ଟ ଜକିଆ ୱହବି ପ୍ରସିଦ୍ଧ। ଏଥିରେ ସେ ଆଇବ୍ରୋର ଶେଷଭାଗକୁ ବିଜୁଳି ପରି ଲୁକ୍ ଦେଇଥାନ୍ତି। ମୋଟା ପ୍ରୋମିନେଣ୍ଟ ଆଇବ୍ରୋରେ ଏହି ଲୁକ୍ ବେଶ୍ ଚମତ୍କାର ଲାଗେ।





## ଶୀତଦିନେ ପିଅନ୍ତୁ ସୁପ୍

**ଶୀ**ତଦିନେ ଅଧିକାଂଶ ଲୋକେ ସୁପ୍ ପିଇବାକୁ ପସନ୍ଦ କରନ୍ତି। ଏହା ଶରୀରକୁ ଉଷ୍ମତା ପ୍ରଦାନ କରିଥାଏ। ଥଣ୍ଡାରୁ ମଧ୍ୟ ରକ୍ଷା କରିଥାଏ। ତେଣୁ ଶୀତଋତୁରେ ଉଷୁମ ସୁପ୍ ପିଇବା ସ୍ୱାସ୍ଥ୍ୟ ପାଇଁ ହିତକାରକ। ଜାଣନ୍ତୁ ଏହାର ଉପକାରିତା ସମ୍ପର୍କରେ।

ଥଣ୍ଡାକୁ ଏଡ଼ାଇବା ପାଇଁ ଉଷୁମ ସୁପ୍ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଉପାୟ। ଏହା ବ୍ୟତୀତ ଗୋଲମରିଚ ମିଶ୍ରିତ ସୁପ୍ ପିଇବା ଥଣ୍ଡା କିମ୍ବା ଗଳା ଯନ୍ତ୍ରଣା ହେଲେ ମଧ୍ୟ ଶୀଘ୍ର ଆରାମ ଦେଇଥାଏ। ।ପଣଙ୍କୁ ଦୁର୍ବଳ ଅନୁଭବ ହେବା ସମୟରେ ନିଶ୍ଚୟ ସୁପ୍‌ର ସେବନ କରନ୍ତୁ। ଏହା କେବଳ ଦୁର୍ବଳତାକୁ ଦୂର କରେ ନାହିଁ, ବରଂ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏହା ଜ୍ୱର, ଶାରୀରିକ ଯନ୍ତ୍ରଣା, ଥଣ୍ଡା ଭଳି ସମସ୍ୟା ଦୂର କରିଥାଏ। ସୁପ୍ ରୋଗରେ ମଧ୍ୟ ଖିଆଯାଏ କାରଣ ଏହା ସହଜରେ ହଜମ ହୁଏ ଏବଂ କୌଣସି ପ୍ରକାରର ସମସ୍ୟା ସୃଷ୍ଟି କରେ ନାହିଁ। ଏହାସହ ହଜମ ପ୍ରକ୍ରିୟା ମଧ୍ୟ ସୁସ୍ଥ ରହିଥାଏ। ଯଦି ଆପଣଙ୍କ ପାଟିର ସ୍ୱାଦ ବଦଳୁଛି, ଏବଂ ଆପଣ ସବୁକିଛି ସ୍ୱାଦହୀନ ମନେ କରୁଛନ୍ତି, ତେବେ ସୁପ୍ ପିଅନ୍ତୁ। ଏହା ସ୍ୱାଦକୁ ଫେରାଇ ଆଣିବାରେ ସାହାଯ୍ୟ କରିବ। ଆପଣ ଅସୁସ୍ଥ ଥିବାବେଳେ କିମ୍ବା ଜ୍ୱର ସମୟରେ ଶରୀରରେ ଜଳୀୟ ଅଂଶ ହ୍ରାସ ପାଇଥାଏ, ତେଣୁ ଶରୀରରେ ଜଳୀୟଅଂଶର ବୃଦ୍ଧି ପାଇଁ ସୁପ ପିଇବା ଖୁବ୍ ଲାଭଦାୟକ। ଓଜନ ହ୍ରାସ କରିବାକୁ ଚାହାନ୍ତି, ତେବେ ସୁପ୍ ଏକ ଉତ୍ତମ ଉପାୟ। ଏଥିରେ ଆପଣ ପ୍ରଚୁର ଫାଇବର ମଧ୍ୟ ପାଇପାରିବେ ଏବଂ ପୋଷକ ତତ୍ତ୍ୱ ଏବଂ କ୍ୟାଲୋରୀ ଅଧିକ ନୁହେଁ। ସୁପ୍ ପିଇବା ଦ୍ୱାରା ପେଟ ଶୀଘ୍ର ଭର୍ତ୍ତି ହୋଇଯାଏ। ସୁପ୍ ପୁଷ୍ଟିକର ଉପାଦାନରେ ପରିପୂର୍ଣ୍ଣ। ଏହାଅନେକ ପୋଷକ ତତ୍ତ୍ୱରେ ଭରପୂର।

# ବଦଳୁଛି କୁକୁର ରଙ୍ଗ



ଯେଉଁଠାରେ ମଣିଷ ପାଦ ଦେବା ପାଇଁ ମଧ୍ୟ ଭୟ କରନ୍ତି, ସେହି ସ୍ଥାନରେ କୁକୁରମାନେ ଏବେ ନୀଳ ରଙ୍ଗର ହୋଇଯାଉଛନ୍ତି। କଥାଟା ଆଶ୍ଚର୍ଯ୍ୟ ଲାଗୁଥାଇପାରେ କିନ୍ତୁ ସତ। ୟୁକ୍ରେନର ଚେର୍ନୋବିଲରେ କୁକୁରଙ୍କ ଲୋମ ନୀଳ ହୋଇଯାଉଛି। ସେହି ଅଞ୍ଚଳରେ ୩୯ ବର୍ଷ ପୂର୍ବେ ବିଶ୍ୱର ସବୁଠାରୁ ଖରାପ ପରମାଣୁ ବିପର୍ଯ୍ୟୟ ଘଟିଥିଲା। ଏବେ ପ୍ରଶ୍ନ ଉଠୁଛି ଏହା ସେହି ବିକିରଣର ପ୍ରଭାବ ନା ଅନ୍ୟ କୌଣସି ରହସ୍ୟମୟ ରାସାୟନିକ ପରିବର୍ତ୍ତନ।

ୟୁକ୍ରେନର ଚେର୍ନୋବିଲକୁ ବିଶ୍ୱର ସବୁଠାରୁ ବିପଦପୂର୍ଣ୍ଣ ଅଞ୍ଚଳ ଭାବରେ ବିବେଚନା କରାଯାଏ। ଏଠାରେ ଗତ କିଛିଦିନ ହେବ କିଛି କୁକୁର ସମ୍ପୂର୍ଣ୍ଣ ନୀଳ ହୋଇଯାଇଛନ୍ତି। ଅନ୍ୟ କିଛି କୁକୁରଙ୍କ ଲୋମରେ ଏକ ସ୍ପଷ୍ଟ ନୀଳ ଆବରଣ ଅଛି। ଏହି ଘଟଣା ବୈଜ୍ଞାନିକ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ଉଭୟଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି କୁକୁରମାନେ ୧୯୮୬ ମସିହାରେ ଚେର୍ନୋବିଲ ପରମାଣୁ ବିପର୍ଯ୍ୟୟ ପରେ ଛାଡ଼ିଯାଇଥିବା ପରବର୍ତ୍ତୀ ପିଢ଼ିର ପ୍ରାଣୀ। ଆଜି ପ୍ରାୟ ୧୮ ବର୍ଗ ମାଇଲ ପ୍ରତିବନ୍ଧିତ ଅଞ୍ଚଳରେ ପ୍ରାୟ ୭୦୦ କୁକୁର ବାସ କରନ୍ତି। ସେମାନଙ୍କ ଯତ୍ନ ନେଉଥିବା ସ୍ୱେଚ୍ଛାସେବୀ ଗୋଷ୍ଠୀମାନେ ନିକଟରେ ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ନୀଳ ଲୋମ ଥିବା କିଛି କୁକୁର ଦେଖାଯାଉଛି। ଏହି ପୋଷ୍ଟରେ ଲେଖାଅଛି, ଗତ ସପ୍ତାହରେ କୁକୁରମାନେ ନୀଳ ନ ଥିଲେ। ଏହା କିପରି ଘଟିଥିଲା ତାହା ଆମେ ଜାଣିନାହୁଁ, କିନ୍ତୁ ଆମେ ତଦନ୍ତ କରୁଛୁ। ପ୍ରାରମ୍ଭରେ ଲୋକମାନେ ଏହାକୁ ବିକିରଣକୁ ଦାୟୀ କରିଥିଲେ, କିନ୍ତୁ ବୈଜ୍ଞାନିକମାନେ ତୁରନ୍ତ ଏହି ସମ୍ଭାବନାକୁ ଖାରଜ କରି ନ ଥିଲେ। ବୈଜ୍ଞାନିକମାନେ କହିଛନ୍ତି, ରାସାୟନିକ ସଂସ୍ପର୍ଶ ଏକ ସମାନ ଦୃଢ଼ ସମ୍ଭାବନା। ଏହା ସମ୍ଭବ ଯେ, କୁକୁରମାନେ ଶିଳ୍ପ ଆବର୍ଜନା, ଧାତୁ କିମ୍ବା ତମ୍ବା ସଲଫେଟ ଭଳି ରାସାୟନିକ ପଦାର୍ଥ ସହିତ ସଂସ୍ପର୍ଶରେ ଆସିଥାଇପାରନ୍ତି। ଚେର୍ନୋବିଲ ଅଞ୍ଚଳରେ ଏବେ ବି ଅନେକ ପୁରୁଣା କାରଖାନାର ଅବଶେଷ ରହିଛି। ଏହା ସମ୍ଭବ ଯେ, କୁକୁରମାନେ ଏପରି ସ୍ଥାନରେ ଆଶ୍ରୟ ନେଇଥିବେ ଯେଉଁଠାରେ ରାସାୟନିକ ଲିକ୍ ହୋଇଥିଲା। ଏପର୍ଯ୍ୟନ୍ତ କୌଣସି କୁକୁରଙ୍କୁ ଧରାଯାଇ ନାହିଁ ଏବଂ ପରୀକ୍ଷା କରାଯାଇ ନାହିଁ। ନମୁନା ପ୍ରାପ୍ତ ହେବା ପରେ ହିଁ ସ୍ପଷ୍ଟ ହେବ ଯେ, ଏହି ପରିବର୍ତ୍ତନ ଜୈବିକ କିମ୍ବା କେବଳ ଏକ ବାହ୍ୟ ରାସାୟନିକ ପ୍ରଭାବ। ବୈଜ୍ଞାନିକମାନେ କହିଛନ୍ତି, ଯଦି ଏହି ପରିବର୍ତ୍ତନ ବିକିରଣ ସହିତ ଜଡ଼ିତ। ତେବେ ଏହା ଏକ ପ୍ରମୁଖ ଆବିଷ୍କାର ହୋଇପାରେ।

# ବଢ଼ାନ୍ତୁ ସ୍ମରଣ ଶକ୍ତି



ବହୁତ ସମୟରେ କମ୍ ବୟସରୁ ଲୋକେ କଥା, ଜିନିଷ, କାମ କରିବା ଭୁଲିଯାଆନ୍ତି। ଏହି ସମସ୍ୟା ସ୍ମରଣ ଶକ୍ତି କମ୍ ପାଇଁ ହୋଇଥାଏ। ଶରୀରରେ କୌଣସି ଆଘାତ, ରୋଗ କିମ୍ବା ପୋଷକ ତତ୍ୱ କମ୍ ଥିଲେ ଏହି ସମସ୍ୟା ଦେଖାଦିଏ। ଜାଣନ୍ତୁ କିଛି ଘରୋଇ ତରିକା ଯାହାକୁ ଆପଣାଇ ଆପଣ ଏହି ସ୍ମରଣ ଶକ୍ତି ହୀନତା ସମସ୍ୟାରୁ ମୁକ୍ତି ପାଇପାରିବେ।

***ଶେଓ:*** ଆପଣଙ୍କ ସ୍ମରଣ ଶକ୍ତି ବଢ଼ାଇବାରେ ଶେଓ ସାହାଯ୍ୟ କରେ। ଏଥିରେ କ୍ୟୁରୋସିଟେନ ନାମକ ଆଣ୍ଟି ଅକ୍ସିଡାଣ୍ଟ ଥାଏ ଯାହାକି ମସ୍ତିଷ୍କ କୋଷିକାକୁ ନଷ୍ଟ ହେବାରୁ ବଞ୍ଚାଏ। ମସ୍ତିଷ୍କ କୋଷିକା ନଷ୍ଟ ହେଲେ ବୌଦ୍ଧିକ କ୍ଷମତା କମିଯାଏ । ଶେଓ ବୌଦ୍ଧିକ କ୍ଷମତା ଠିକ ରଖିବାରେ ସାହାଯ୍ୟ କରେ। ଏହା ପାର୍କିଂସନ ଓ ଅଲଜାଇମର ଭଳି ରୋଗ ହେବାର ସମ୍ଭାବନାକୁ କମାଇଦିଏ।

***ମାଛତେଲ:*** ମାଛତେଲ ସପ୍ଲିମେଣ୍ଟ ଆପଣଙ୍କ ସ୍ମରଣ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ମାଛ ତେଲରେ ଓମେଗା ୩ ଫେଟି ଏସିଡ, ଇକୋ ସପେଣ୍ଟେନୋଇକ ଏସିଡ ଥାଏ । ଏହା ଶରୀରର ଫ୍ୟାଟ, ଚିନ୍ତା କମାଇବା ଓ ସ୍ମୃତି ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ।

***ବ୍ରାହ୍ମି:*** ବ୍ରାହ୍ମି ସ୍ମରଣ ଶକ୍ତିକୁ ବଢ଼ାଇବା ଓ ବୌଦ୍ଧିକ କ୍ଷମତାରେ ସୁଧାର ଆଣିବାରେ ସାହାଯ୍ୟ କରେ। ସ୍ମରଣ ଶକ୍ତିକୁ ଶକ୍ତିକୁ ସୁସ୍ଥ ରଖିବାରେ ଏହା ପ୍ରମୁଖ ଭୂମିକା ନିଭାଏ। ବ୍ରାହ୍ମିରେ ବୈକୋସାଇଟ ଓ ସିଟଗ୍ଲୋଷ୍ଟେରୋଲ ଭଳି ବାୟୋ ଏକ୍ଟିଭ ତତ୍ୱ ଥାଏ। ଯାହାକି ମସ୍ତିଷ୍କର କାର୍ଯ୍ୟ କରିବାର କ୍ଷମତାରେ ସୁଧାର ଆଣିଥାଏ।

***ଶଙ୍ଖପୁଷ୍ପି:*** ଶଙ୍ଖପୁଷ୍ପି ଜଡ଼ିବୁଟିରେ ବହୁତ ଆଣ୍ଟି ଅକ୍ସିଡାଣ୍ଟ ତତ୍ୱ ଥାଏ। ଏହାର ବ୍ୟବହାର ଚିନ୍ତା, ଅନିଦ୍ରା ଓ ଏଙ୍ଗଜାଇଟି ଚିକିତ୍ସାରେ କରାଯାଏ। ଏହା ସ୍ମରଣ ଶକ୍ତିକୁ ବଢ଼ାଇବାରେ ରାମବାଣ ଭଳି କାମ କରେ। ଏହା ମସ୍ତିଷ୍କର କୋଷିକାମାନଙ୍କ ଭିତରେ ସମ୍ବନ୍ଧ ବଢ଼ାଇଥାଏ। ଯାହା ଫଳରେ ମସ୍ତିଷ୍କ କାର୍ଯ୍ୟରେ ସୁଧାର ଆସିଥାଏ।




# ବିଶ୍ୱର ପ୍ରଥମ ଧଳା ଜଙ୍ଗଲୀ ବିଲେଇ

ବିଶ୍ୱରେ ପ୍ରଥମଥର ପାଇଁ ଏକ ଧଳା ଜଙ୍ଗଲୀ ବିଲେଇ ସ୍ପେନ୍‌ର ଦକ୍ଷିଣାଞ୍ଚଳସ୍ଥ ଜାଏନ ପାହାଡ଼ରେ ଦେଖିବାକୁ ମିଳିଛି। ବିଲୁପ୍ତପ୍ରାୟ ଏହି ବଣୁଆ ବିରାଡିର ଏପରି ଦୁର୍ଲ୍ଲଭ ରୂପ ସଂରକ୍ଷଣ ପ୍ରୟାସର ଏକ ବଡ଼ ସଫଳତା ଭାବେ ଗଣାଯାଉଛି। ସ୍ପେନୀୟ ବନ୍ୟଜନ୍ତୁ ଫଟୋଗ୍ରାଫର ଆଞ୍ଜେଲ ହିଡାଲଗୋଙ୍କ ଦ୍ୱାରା ଉତ୍ତୋଳିତ ଏକ ଭିଡିଓରେ ଏହି ଲିଙ୍କ୍ସଟିର ଶରୀରରେ ଏକ ଅସାମାନ୍ୟ ଧଳା, କ୍ରିମ ରଙ୍ଗର ପଟାଳି ରହିଥିବା ଦେଖାଯାଇଛି। ତେବେ ଏହାର ତୀକ୍ଷ୍ଣ ଆଖି, କାନରେ ଥିବା କଳା ଝୁମ୍ପା ଏବଂ ମୁହଁର ସ୍ୱାଭାବିକ ଆକୃତି ଅକ୍ଷୁର୍ଣ୍ଣ ରହିଛି। ବିଶେଷଜ୍ଞଙ୍କ ମତରେ, ଲିଙ୍କ୍ସଟି ଲ୍ୟୁସିଜିମ ନାମକ ଏକ ଦୁର୍ଲଭ ଜେନେଟିକ ସମସ୍ୟାର ଶିକାର, ଯାହା ଶରୀରର କିଛି ଅଂଶରେ ରଙ୍ଗ କ୍ଷୟ ହେବା ଯୋଗୁ ହୋଇଥାଏ। ତେବେ ଏହା ଆଲବିନିଜିମ୍‌ଠାରୁ ଭିନ୍ନ, କାରଣ ଲ୍ୟୁସିଜିମ ଆଖିର ସ୍ୱାଭାବିକ ରଙ୍ଗ ଏବଂ ସମଗ୍ର ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ନାହିଁ। ଏହି ଦୁର୍ଲ୍ଲଭ ପ୍ରାଣୀକୁ ସୁରକ୍ଷା ଦେବା ପାଇଁ ଏହାର ନିର୍ଦ୍ଦିଷ୍ଟ ଅବସ୍ଥାନକୁ ଗୋପନୀୟ ରଖାଯାଇଛି।

# ଗଧ କ୍ଷୀର ସାବୁନ

ଆଜିକାଲି ବିଶ୍ୱର ଅନେକ ଦେଶର ଲୋକ ଗଧ କ୍ଷୀର ସାବୁନକୁ ବହୁ ସଂଖ୍ୟାରେ କିଣୁଛନ୍ତି। ଏହି ସାବୁନରେ ଏପରି କ'ଣ ଅଛି, ଯାହା ଯୁକ୍ତରାଷ୍ଟ୍ର ଆମେରିକା ସମେତ ଅନେକ ଦେଶରେ ଚାହିଦା ବୃଦ୍ଧି ପାଇଛି। ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅତନ ଡଙ୍କି ମିଲ୍କ ସପ୍ ନାମକ ଏକ କମ୍ପାନୀ ମାଡାବାରେ ଏହାର ଫାର୍ମରେ ୧୦୦% ପ୍ରାକୃତିକ ସାବୁନ ଉତ୍ପାଦନ କରେ। ଏହାର ୧୨ଟି ଗଧ ଅଛି। ଜୋର୍ଡାନର ରାଜଧାନୀ ଅମ୍ମାନରେ କମ୍ପାନୀର ଏକ ଛୋଟ ଫ୍ୟାକ୍ଟ୍ରି ମଧ୍ୟ ଅଛି। ଜୋର୍ଡାନରେ ଗଧ କ୍ଷୀର ସାବୁନର ବହୁତ ଚାହିଦା। ସେହିପରି ଦୁବାଇରେ ବିଭିନ୍ନ ବ୍ରାଣ୍ଡର ଗଧ କ୍ଷୀର ସାବୁନ ଭଲ ବିକ୍ରି ହେଉଛି। ଯେତେବେଳେ ଏହି ସାବୁନ ପ୍ରଥମେ ଜୋର୍ଡାନରେ ଲଞ୍ଚ କରାଯାଇଥିଲା ଲୋକମାନେ ଏହାକୁ ଉପହାସ କରିଥିଲେ। ତଥାପି ଏହାର ଲାଭ ସ୍ପଷ୍ଟ ହେବା ପରେ ସାବୁନର ଚାହିଦା ବୃଦ୍ଧି ପାଇଲା। ରିପୋର୍ଟ ଅନୁଯାୟୀ, ଗଧ କ୍ଷୀର ଖଣିଜ ଏବଂ ପ୍ରୋଟିନରେ ଭରପୂର, ଯାହା ଚର୍ମକୁ ମଶ୍ଚରାଇଜ କରିବାରେ ସାହାଯ୍ୟ କରେ। ଏଥିରେ ଯଥେଷ୍ଟ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି। ଯାହା ଚର୍ମକୁ ସୂର୍ଯ୍ୟକିରଣ ଏବଂ ବାର୍ଦ୍ଧକ୍ୟରୁ ରକ୍ଷା କରେ। ମିଡିଆ ରିପୋର୍ଟ ଅନୁଯାୟୀ, ପରିବେଶ କର୍ମୀ ଏବଂ ଅବସରପ୍ରାପ୍ତ ଶିକ୍ଷକ ଅଲ ଜୁବି କହିଛନ୍ତି ଗବେଷଣାରୁ ଜଣାପଡ଼ିଛି ଯେ, ଗଧ କ୍ଷୀର ଚର୍ମ କୋଷଗୁଡ଼ିକୁ ପୁନର୍ଜୀବିତ କରିବା, ବାର୍ଦ୍ଧକ୍ୟ ପ୍ରଭାବକୁ ହ୍ରାସ କରିବା ଏବଂ ଏକଜିମା ଭଳି ଚର୍ମ ରୋଗକୁ ସୁସ୍ଥ କରିବାରେ ସାହାଯ୍ୟ କରେ। ସେ ଏହା ମଧ୍ୟ କହିଛନ୍ତି ଯେ, ଗଧ କ୍ଷୀର ସାବୁନ ଚର୍ମର ଆର୍ଦ୍ରତା ସ୍ତରକୁ ସନ୍ତୁଳିତ କରେ, କୁଞ୍ଚନ, ଦାଗ ଏବଂ ବ୍ରଣ ହ୍ରାସ କରିବାରେ ସାହାଯ୍ୟ କରେ। ସାବୁନ ତିଆରି କରିବା ପାଇଁ ଗଧ କ୍ଷୀରକୁ ବାଦାମ ତେଲ ଏବଂ ନଡ଼ିଆ ତେଲ ସହିତ ମିଶ୍ରଣ କରାଯାଏ। ଏହି ଉପାଦାନଗୁଡ଼ିକୁ ସାବୁନ ତିଆରି କରିବା ପାଇଁ ମିଶ୍ରଣ କରାଯାଏ। ଗଧ କ୍ଷୀରରୁ ତିଆରି ସାବୁନ ମଧ୍ୟ ବହୁ ଦାମ୍‌ରେ ମିଳେ। ଅନେକ ଅନଲାଇନ୍ ଶପିଂ ପ୍ଲାଟ୍‌ଫର୍ମରେ, ଗୋଟିଏ ସାବୁନର ମୂଲ୍ୟ ୬୦୦ରୁ ୨୫୦୦ ଟଙ୍କା ମଧ୍ୟରେ ହୋଇଥାଏ।

# ଭାନଗଡ଼ ଦୁର୍ଗ







**ରାଜସ୍ଥାନର ଅଲୱର ଜିଲ୍ଲାରେ ଥିବା ଭାନଗଡ଼ ଦୁର୍ଗର ଆକର୍ଷଣୀୟ ବାସ୍ତୁକଳା, ଦୁର୍ଗ ଚତୁଃପାର୍ଶ୍ୱର ପ୍ରାକୃତିକ ଦୃଶ୍ୟ ତଥା ଏଠାକାର ନିରୋଳା ପରିବେଶ ଯେ କୌଣସି ପର୍ଯ୍ୟଟକଙ୍କୁ ବି ଆକର୍ଷିତ କରିପାରେ ଓ ଖାସ୍ ସେଥିପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳେ...**

ଆକର୍ଷଣୀୟ ବାସ୍ତୁକଳାରେ ପରିପୂର୍ଣ୍ଣ ଭାନଗଡ଼ ଦୁର୍ଗ ହେଉଛି ରାଜସ୍ଥାନର ଏକ ନିଆରା ପର୍ଯ୍ୟଟନସ୍ଥଳୀ। ଏହି ଦୁର୍ଗର ଅଧିକାଂଶ ଭାଗ ଭଗ୍ନ ଅବସ୍ଥାରେ ଥିଲେ ବି ଏଠାକୁ ବୁଲିଗଲେ ଅନେକ କିଛି ନୂଆ କଥା ଜାଣିବାକୁ ମିଳିଥାଏ। ତା'ଛଡ଼ା ଏଠାକାର ଶାନ୍ତ ପରିବେଶ ବି ମନକୁ ବେଶ୍ ଶାନ୍ତି ପ୍ରଦାନ କରିଥାଏ। ସେଥିପାଇଁ ଶାନ୍ତିପ୍ରିୟ ବ୍ୟକ୍ତି ତଥା ଐତିହାସିକମାନଙ୍କର ଏଠାରେ ବେଶ୍ ଭିଡ଼ ଜମେ।

## ଦୁର୍ଗର ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି ଦୁର୍ଗଟିକୁ କୁଆଡ଼େ ଷୋଡ଼ଶ ଶତାବ୍ଦୀ ସମୟରେ ତିଆରି କରାଯାଇଥିଲା। ପ୍ରଥମେ ଏହାକୁ ରାଜା ଭଗୱନ୍ତ ଦାସ ନିର୍ମାଣ କରାଇଥିଲେ। ସମୟକ୍ରମେ ଏହି ଦୁର୍ଗଟି ତାଙ୍କର ଦ୍ୱିତୀୟ ପୁତ୍ର ମାଧୋ ସିଂହଙ୍କ ହାତକୁ ଯାଇଥିଲା ଏବଂ ସିଏ ଏହାର ଦେଖାଚାହାଁ କରୁଥିଲେ। ଚତୁଃପାର୍ଶ୍ୱରୁ ଉଚ୍ଚ ଉଚ୍ଚ ପାହାଡ଼ ଦ୍ୱାରା ଘେରି ହୋଇ ରହିଥିବା ଏହି ଦୁର୍ଗଟିର ବାସ୍ତୁକଳା ଦେଖିବାକୁ ବେଶ୍ ମନୋରମ ହୋଇଥାଏ।

ଉକ୍ତ ଦୁର୍ଗଟିରେ ୫ଟି ଦ୍ୱାର ଏବଂ ଗୋଟିଏ ମୁଖ୍ୟ ପ୍ରାଚୀର ଥିବାର ଦେଖିବାକୁ ମିଳେ। ତା'ଛଡ଼ା ଏହି ଦୁର୍ଗଟିର ପରିସୀମା ଏତେ ବଡ଼ ଯେ, ଏହା ମଧ୍ୟରେ ଭଗବାନ ଶିବ ଓ ପ୍ରଭୁ ହନୁମାନଙ୍କୁ ସମର୍ପିତ ଦୁଇଟି ସୁନ୍ଦର ମନ୍ଦିର ତଥା ଏକାଧିକ ଭଗ୍ନ ପ୍ରାସାଦ ଥିବାର ପର୍ଯ୍ୟଟକ ଦେଖିପାରିବେ। ବର୍ତ୍ତମାନ ଏହି ଦୁର୍ଗଟିର ଅଧିକାଂଶ ଭାଗ ଭଗ୍ନ ଅବସ୍ଥାରେ ଅଛି ଏବଂ ଏହାର ରକ୍ଷଣାବେକ୍ଷଣର ଦାୟିତ୍ୱ ଭାରତ ସରକାର ବୁଝୁଥିବା ସୂଚନା ରହିଛି।

## ଦୁର୍ଗକୁ ନେଇ କିଛି ରୋଚକ କଥା


ଏହି ଦୁର୍ଗଟିର ଅଧିକାଂଶ ଭାଗ ଭଗ୍ନ ଅବସ୍ଥାରେ କାହିଁକି ରହିଛି; ତାହାକୁ ନେଇ ସ୍ଥାନୀୟ ଲୋକେ ଭିନ୍ନ ଭିନ୍ନ କଥା କହିଥାନ୍ତି। କେହି କେହି ଏହା ବେଶି ପୁରୁଣା ହୋଇଯାଇଥିବା ଯୋଗୁ ଭାଙ୍ଗି ଯାଇଥିବା କଥା କହୁଥିବାବେଳେ ଆଉ କିଛି ଲୋକ ଏହା ସାଧୁଙ୍କ ଅଭିଶାପର ଫଳ ବୋଲି ମତ ଦେଇଥାନ୍ତି। ଅର୍ଥାତ୍ ଏଠାରେ କୁଆଡ଼େ ଦୁର୍ଗ ତିଆରି ହେବା ପୂର୍ବରୁ ଜଣେ ସାଧୁ ବସବାସ କରୁଥିଲେ। ଦୁର୍ଗ ନିର୍ମାଣ ପାଇଁ ରାଜା ତାଙ୍କଠାରୁ ଅନୁମତି ଲୋଡ଼ିଲାବେଳେ ସେ କହିଥିଲେ, ଦୁର୍ଗର ଛାଇ ଯେମିତି ତାଙ୍କ କୁଡ଼ିଆ ଉପରେ ନ ପଡ଼େ। କିନ୍ତୁ ଦୁର୍ଗର ନିର୍ମାଣ କାର୍ଯ୍ୟ ଶେଷ ହେଲାବେଳେ ଏହାର ଛାଇ ସାଧୁଙ୍କ କୁଡ଼ିଆ ଉପରେ ପଡ଼ିଲା; ଯେଉଁଥିପାଇଁ ସାଧୁ ଭୀଷଣ ରାଗି ଯାଇଥିଲେ। ଆଉ ଅଭିଶାପ ଦେଇଥିଲେ, ଦୁର୍ଗଟି ଶୀଘ୍ର ଭାଙ୍ଗିଯିବ ଆଉ ଏଠାରେ କେହି ବି ରହିପାରିବେ ନାହିଁ । ସତକୁ ସତ ଏହି ଦୁର୍ଗଟିର ଅଧିକାଂଶ ଭାଗ ଏବେ ଭଗ୍ନ ଅବସ୍ଥାରେ ରହିଛି। କେହି କେହି ତ ଏଠାରେ ଭୂତ ରହୁଥିବା କଥା ବି କହିଥାନ୍ତି। କିନ୍ତୁ ଏହା ପଛରେ କେତେ ସତ୍ୟତା ରହିଛି; ତାହା ଏଯାଏ ପ୍ରମାଣ ହୋଇନାହିଁ। ତଥାପି ବି ଏଠାରେ ସନ୍ଧ୍ୟା ପରେ କେହି ରହିବାକୁ ଇଚ୍ଛା କରନ୍ତି ନାହିଁ।

## ଆଉ କ'ଣ ଦେଖିବେ

ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଉଚ୍ଚ ଉଚ୍ଚ ପାହାଡ଼ ଦେଖିବା ସହ ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିପାରିବେ। ତା'ସହିତ ଦୁର୍ଗର ନିଖୁଣ କାରୁକାର୍ଯ୍ୟକୁ ଦେଖି ନିଆରା ଅନୁଭୂତି ସାଉଁଟିପାରିବେ। ଏହାଛଡ଼ା ଏହି ଦୁର୍ଗଠାରୁ ମାତ୍ର ଅଳ୍ପ କିଛି ଦୂରରେ ଥିବା ଏକ ଝରଣା ଆଡ଼େ ବି ବୁଲିଯାଇପାରିବେ। କେବଳ ସେତିକି ନୁହେଁ ଉକ୍ତ ଦୁର୍ଗଠାରୁ ମାତ୍ର କେଇ ମାଇଲ୍ ଦୂରରେ ଗୋଲା କା ବାସ୍ ନାମରେ ଏକ ଗାଁ ରହିଛି; ଯେଉଁଠି ପ୍ରାୟ ଏକ ହଜାର ଲୋକ ବାସ କରିଥାନ୍ତି। ପର୍ଯ୍ୟଟକ ଚାହିଁଲେ ସେଠାକୁ ବୁଲିଯାଇ ସେହି ଗ୍ରାମବାସୀଙ୍କର ଚାଲିଚଳଣ, ସଂସ୍କୃତି, ପରମ୍ପରା ସମ୍ପର୍କରେ ଅନେକ ନୂଆ କଥା ଜାଣିପାରିବେ।

## କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲି ଯାଇହେବ। ସୂଚନାନୁଯାୟୀ, ଏହି ଦୁର୍ଗଟି ଦିଲ୍ଲୀଠାରୁ ପ୍ରାୟ ୨୩୫ କି.ମି ଦୂରରେ ଅବସ୍ଥିତ। ଜୟପୁର ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର; ଯାହାକି ଉକ୍ତ ଦୁର୍ଗଠାରୁ ପ୍ରାୟ ୮୦ କି.ମି ଦୂରରେ ଅବସ୍ଥିତ। ସେହିପରି ଅଲୱର ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏହି ଦୁର୍ଗର ନିକଟବର୍ତ୍ତୀ ରେଲଷ୍ଟେଶନ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍ ଯୋଗେ ଯାଇ ପ୍ରଥମେ ଅଲୱରରେ ପହଞ୍ଚି, ପରେ ସେଠାରୁ ଟ୍ୟାକ୍ସିରେ ଆସି ଏହି ଦୁର୍ଗ ନିକଟରେ ପହଞ୍ଚିପାରିବେ।



# ସ୍ୱପ୍ନ ବଢ଼ାଏ ଧନ

ରାତିରେ ଶୋଇବା ଅବସ୍ଥାରେ ପ୍ରତ୍ୟେକ ବ୍ୟକ୍ତି କିଛି ନା କିଛି ସ୍ୱପ୍ନ ଦେଖନ୍ତି। କେତେବେଳେ ଆମେ ଭଲ ସ୍ୱପ୍ନ ଦେଖନ୍ତି ତ କେତେବେଳେ ଖରାପ ସ୍ୱପ୍ନ। କିନ୍ତୁ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଆମେ ଦେଖିଥିବା ପ୍ରତ୍ୟେକ ସ୍ୱପ୍ନର ମହତ୍ତ୍ୱ ରହିଛି। ସ୍ୱପ୍ନ ଦେଖିବା ଯୋଗୁଁ ଧନ ପ୍ରାପ୍ତି ମଧ୍ୟ ହୋଇଥାଏ। ତାହା ହେଲେ ଆସନ୍ତୁ ଜାଣିବା କେଉଁ ସ୍ୱପ୍ନ ଦେଖିଲେ ଧନପ୍ରାପ୍ତିର ସମ୍ଭାବନା ରହିଥାଏ।

➢ ଯଦି ପଦ୍ମ ଫୁଲର ସ୍ୱପ୍ନ ଦେଖନ୍ତି, କିଛି ଦିନ ଭିତରେ ଧନ ପ୍ରାପ୍ତି ହେବ।

➢ ଯଦି ଦେବାଦେବୀଙ୍କୁ ଦର୍ଶନ କରିବାକୁ ଯାଉଥିବା ସ୍ୱପ୍ନ ଦେଖନ୍ତି ତାହା ହେଲେ ତାହା ହେଉଛି ଆଗକୁ ସଫଳତା ମିଳିବାର ସଙ୍କେତ। କାହାରି ମାଧ୍ୟମରେ ଧନପ୍ରାପ୍ତି ହୋଇପାରେ।

➢ ଗାଈ ସ୍ୱପ୍ନ ଦେଖିଲେ ବହୁତ ଶୁଭ। ଏହା ଦ୍ୱାରା ଧନ ଓ ସମ୍ମାନ ପାଇବାର ଯୋଗ ରହିଥାଏ।

➢ ସ୍ୱପ୍ନରେ ହାତୀ ଦେଖିଲେ ପ୍ରଚୁର ଟଙ୍କା ମିଳେ।

➢ ଧଳାଘୋଡ଼ାର ସ୍ୱପ୍ନ ଦେଖିଲେ ଆପଣ ଭାଗ୍ୟଶାଳୀ ବୋଲି ଜାଣିବେ। ଧନ ସମ୍ପତ୍ତି ସହ ଆଗକୁ ଭାଗ୍ୟ ଆପଣଙ୍କ ସାଥୀରେ ରହିବ।

➢ ସ୍ୱପ୍ନରେ କଳା ସାପ ଦେଖିଲେ ଅନେକ ଖରାପ ବୋଲି କହନ୍ତି। କିନ୍ତୁ କଳା ସାପ ଦେଖିଲେ ଧନ ଲାଭ ହୁଏ।

➢ ଯଦି ଆପଣ ବେଲପତ୍ରର ସ୍ୱପ୍ନ ଦେଖନ୍ତି, ତାହା ହେଲେ ଜାଣନ୍ତୁ ଆପଣଙ୍କ ଧନସମ୍ପତ୍ତି ବଢ଼ିବ।

# ଜୁନିୟର ପୁରୁଷ ବିଶ୍ୱକପ୍ ପାଇଁ ଟିମ୍ ଘୋଷିତ



ନୂଆଦିଲ୍ଲୀ: ତାମିଲନାଡୁର ଚେନ୍ନାଇ ଓ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏଫ୍ଆଇଏଚ୍ ଜୁନିୟର୍ ପୁରୁଷ ବିଶ୍ୱକପ୍ ପାଇଁ ୨୦ ଜଣିଆ ଭାରତୀୟ ଟିମ୍ ଘୋଷଣା ହୋଇଛି। ଡ୍ରାଗ୍-ଫ୍ଲିକର୍ ରୋହିତଙ୍କୁ ଟିମ୍ର କ୍ୟାପ୍ଟେନ୍ ନିଯୁକ୍ତ କରାଯାଇଥିବା ବେଳେ ଚାରିଜଣ ଓଡ଼ିଆ ଖେଳାଳିଙ୍କୁ ଟିମ୍ରେ ସାମିଲ କରାଯାଇଛି। ଏହି ଚାରି ଖେଳାଳି ହେଲେ ଡିଫେଣ୍ଡର୍ ଅନମୋଲ୍ ଏକ୍କା, ମିଡ୍ଫିଲ୍ଡର୍ ରୋହିତ କୁଲ୍ଲୁ, ଏଡ୍ରୋହିତ ଏକ୍କା ଏବଂ ରୋଜନ କୁଜୁର। ଟିମ୍ରେ ବିକ୍ରମଜିତ ସିଂହ ଏବଂ ପ୍ରିନ୍ସଦୀପ୍ ସିଂହଙ୍କ ରୂପରେ ଦୁଇଜଣ ଗୋଲ୍କିପରଙ୍କୁ ମନୋନୀତ କରାଯାଇଛି। ତେବେ ଅରିଜିତ୍ ସିଂହ ହୁଣ୍ଡଲ୍ଙ୍କ ପରି ଅନୁଭବୀ ଖେଳାଳିଙ୍କୁ ଟିମ୍ରେ ସାମିଲ କରାଯାଇ ନାହିଁ। କାନ୍ଧରେ ଆଘାତ କାରଣରୁ ସେ ବିଶ୍ୱକପ୍ ଖେଳିପାରିବେ ନାହିଁ। ପିଆର୍ ଶ୍ରୀଜେଶ୍ଙ୍କ କୋଚିଂରେ ଅଭ୍ୟାସ କରୁଥିବା ଭାରତୀୟ ଟିମ୍କୁ ପୁଲ୍-ବି'ରେ ଚିଲି, ସ୍ୱିଜରଲାଣ୍ଡ ଏବଂ ଓମାନ୍ ସହିତ ରଖାଯାଇଛି। ପାକିସ୍ତାନ ସୁରକ୍ଷା କାରଣରୁ ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ପରେ ଓମାନ୍କୁ ସାମିଲ କରାଯାଇଛି।

ଶ୍ରୀଜେଶ୍ କହିଛନ୍ତି ବହୁ ପରଖିବା ପରେ ଟିମ୍ ଚୟନ କରାଯାଇଛି। ଟିମ୍ର ଅଧିକାଂଶ ଖେଳାଳିଙ୍କ ଏପରି ବଡ଼ ଟୁର୍ଣ୍ଣାମେଣ୍ଟ ଖେଳିବା ଅନୁଭବ ରହିଛି। ଚୟନ ମାନଦଣ୍ଡରେ ସେମାନଙ୍କ ଶାରୀରିକ କ୍ଷମତା, କୌଶଳ ଏବଂ ଟିମ୍-ପ୍ଲେ ସାମିଲ ଥିଲା। ତେବେ ଚାପରେ ପ୍ରଦର୍ଶନ କରିବାର ସେମାନଙ୍କ ମାନସିକ କ୍ଷମତା ଉପରେ ଆମେ ଅଧିକ ଧ୍ୟାନ ଦେଇଛୁ। ଆମେ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତିରେ ଆମକୁ ଅନ୍ତର୍ଜାତୀୟ ମ୍ୟାଚ୍ରୁ ଉନ୍ନତ ଅନୁଭବ ମିଳିଛି। ମୋଟ ଉପରେ ଆମେ ଘରୋଇ ଦର୍ଶକଙ୍କ ସାମ୍ନାରେ ଉନ୍ନତ ପ୍ରଦର୍ଶନ ଆଶା କରୁଛୁ।

**ଭାରତୀୟ ଜୁନିୟର୍ ପୁରୁଷ ଟିମ୍:**

ଗୋଲ୍କିପର୍- ବିକ୍ରମଜିତ୍ ସିଂହ, ପ୍ରିନ୍ସଦୀପ୍ ସିଂହ।

ଡିଫେଣ୍ଡର୍: ରୋହିତ, ଆମିର ଅଲୀ, **ଅନମୋଲ୍ ଏକ୍କା**, ରବନୀତ ସିଂହ, ତାଲେମ୍ ପ୍ରିୟୋବାର୍ତ୍ତା, ସୁନୀଲ୍ ପଲାକ୍ଷପ୍ପା ବେନ୍ନୁର୍, ଶାରଦାନନ୍ଦ ତିୱାରୀ।

ମିଡ୍ଫିଲ୍ଡର୍: ଅଙ୍କିତ ପାଲ୍, **ରୋହିତ କୁଲ୍ଲୁ, ଏଡ୍ରୋହିତ ଏକ୍କା**, ଥୋନାଓଜାମ ଇଙ୍ଗଲେମ୍ବା ଲୁୱାଙ୍ଗ୍, ମନମିତ ସିଂହ, **ରୋଶନ୍ କୁଜୁର୍।**

ଫରୱାର୍ଡ: ସୌରଭ ଆନନ୍ଦ କୁଶୱାହା, ଅର୍ଶଦୀପ୍ ସିଂହ, ଅଜିତ ଯାଦବ, ଗୁରଜୋତ୍ ସିଂହ, ଦିଲ୍ରାଜ ସିଂହ।

# ଅଲ୍କାରାଜ୍ ଦ୍ୱିତୀୟ ଥର ବର୍ଷ ଶେଷରେ ନମ୍ବର-୧

ନୂଆଦିଲ୍ଲୀ: ସ୍ପେନ୍ ଟେନିସ୍ ଷ୍ଟାର୍ କାର୍ଲୋସ୍ ଅଲ୍କାରାଜ୍ ଆସୋସିଏସନ୍ ଅଫ୍ ଟେନିସ୍ ପ୍ରଫେସନାଲ୍ (ଏଟିପି) ଫାଇନାଲ୍ସର ଅନ୍ତିମ ଗ୍ରୁପ୍ ମ୍ୟାଚ୍ରେ ଲୋରେଞ୍ଜୋ ମୁସେଟ୍ଟିଙ୍କୁ ହରାଇ ଦେଇଛନ୍ତି। ଏହା ସହିତ ସେ ଦ୍ୱିତୀୟ ଥର କୌଣସି ବର୍ଷ ଶେଷରେ ବିଶ୍ୱ ନମ୍ବର-୧ ର୍ୟାଙ୍କିଙ୍ଗ୍ ହାସଲ କରିଛନ୍ତି। ର୍ୟାଙ୍କିଙ୍ଗ୍ରେ ସେ ଇଟାଲୀର ଜାନିକ୍ ସିନର୍ଙ୍କୁ ପଛରେ ପକାଇ ଦେଇଛନ୍ତି। ଏହା ପୂର୍ବରୁ ୨୨ ବର୍ଷୀୟ ଅଲ୍କାରାଜ୍ ୨୦୨୨ର ବର୍ଷ ଶେଷରେ ନମ୍ବର-୧ ହୋଇଥିଲେ। ସେତେବେଳେ ସେ ସର୍ବକନିଷ୍ଠ ଖେଳାଳି ଭାବେ ଏହି ଉପଲବ୍ଧି ହାସଲ କରିଥିଲେ। ସକ୍ରିୟ ଖେଳାଳିଙ୍କ ମଧ୍ୟରେ ଏହି କାରନାମା କରିବାରେ ସେ ଦ୍ୱିତୀୟ ଖେଳାଳି। ତାଙ୍କ ଆଗରେ ନୋଭାକ୍ ଜୋକୋଭିଚ୍ ରହିଛନ୍ତି। ଜୋକୋଭିଚ୍ ୮ ଥର ବର୍ଷ ଶେଷରେ ବିଶ୍ୱ ନମ୍ବର-୧ ହୋଇଥିଲେ।

ଅଲ୍କାରାଜ ସେପ୍ଟେମ୍ବରରେ ଆୟୋଜିତ ୟୁଏସ୍ ଓପନ୍ ଫାଇନାଲ୍ରେ ସିନର୍ଙ୍କୁ ହରାଇ ନମ୍ବର-୧ ସ୍ଥାନ ହାସଲ କରିଥିଲେ। ଏହାପରେ ନଭେମ୍ବର ୩ରେ ଜାନିକ୍ ସିନର୍ ପ୍ୟାରିସ୍ ମାଷ୍ଟର୍ସ ଜିତି ପୁଣିଥରେ ଶୀର୍ଷ ସ୍ଥାନକୁ ଫେରିଥିଲେ। ସିନର୍ ଫାଇନାଲ୍ରେ ଫେଲିକ୍ସ ଅଗର-ଆଲିୟାସିମେଙ୍କୁ ୬-୪, ୭-୬(୭/୪)ରେ ହରାଇ ପ୍ୟାରିସ୍ରେ ନିଜର ପ୍ରଥମ ଟାଇଟଲ୍ ଜିତିଥିଲେ।

ବିଜୟ ପରେ ଅଲ୍କାରାଜ୍ କହିଛନ୍ତି, ବର୍ଷ ଶେଷରେ ନମ୍ବର-୧ ରହିବା ସର୍ବଦା ମୋର ଲକ୍ଷ୍ୟ ରହିଥାଏ। ସିଜନ୍ ଆରମ୍ଭରେ ଏହା ବହୁ ଦୂରରେ ଥିବା ଲାଗୁଥିଲା, ମାତ୍ର ମଝିରେ ଉନ୍ନତ ପ୍ରଦର୍ଶନ କରି ମୁଁ ସୁଯୋଗ ହାସଲ କରିଛି। ଅଲ୍କାରାଜ୍ ୨୦୨୫ରେ ମୋଟ ୮ ଟାଇଟଲ୍ ଜିତିଛନ୍ତି, ଯାହା କୌଣସି ଖେଳାଳିଙ୍କ ପାଇଁ ସର୍ବାଧିକ। ଏଥିରେ ଫ୍ରେଞ୍ଚ ଓପନ୍ ଏବଂ ୟୁଏସ୍ ଓପନ୍ ପରି ଦୁଇଟି ଗ୍ରାଣ୍ଡସ୍ଲାମ୍ ମଧ୍ୟ ସାମିଲ। ସେ ଲଗାତାର ୧୭ ଏଟିପି ମାଷ୍ଟର୍ସ ମ୍ୟାଚ୍ ଜିତିଥିବା ବେଳେ ୯ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ଖେଳିଛନ୍ତି।

## ଓସିଏ ଓ ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# 'ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍କୁ ତ୍ରୁଟିଶୂନ୍ୟ କର'

ଭୁବନେଶ୍ୱର: ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରିବାରେ ଓଡ଼ିଶାର ସୁନାମ ରହିଛି। କଟକ ବାରବାଟୀ ଷ୍ଟାଡିୟମ୍ରେ ପୂର୍ବରୁ ଅନେକ ଅନ୍ତର୍ଜାତୀୟ ମ୍ୟାଚ୍ ସୁବ୍ୟବସ୍ଥିତ ଭାବେ ଭାବେ ଆୟୋଜନ କରାଯାଇଛି। ତେଣୁ ଆସନ୍ତା ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଯେପରି ସୁବ୍ୟବସ୍ଥିତ ଓ ସୁନିୟନ୍ତ୍ରିତ ଭାବେ ଆୟୋଜିତ ହେବ ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଟ-୨୦ ମ୍ୟାଚ୍ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ଓଡିଶା କ୍ରିକେଟ୍ ଆସୋସିଏସନ୍ ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ଏହି ନିର୍ଦ୍ଦେଶ ଦଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କ୍ରିକେଟ୍ ଆମ ଦେଶର ଏକ ଅତ୍ୟନ୍ତ ଲୋକପ୍ରିୟ ଖେଳ। ତେଣୁ ଏହି ମ୍ୟାଚ୍ ପ୍ରତି ସମଗ୍ର ଦେଶ ଓ ବିଶ୍ୱର ନଜର ରହିବ। ଏହା ଯେପରି ତ୍ରୁଟିଶୂନ୍ୟ ଭାବେ ପରିଚାଳିତ ହେବ ଏବଂ ଓଡ଼ିଶାର ମର୍ଯ୍ୟାଦା ସୁରକ୍ଷିତ ହେବ ସେଥିପାଇଁ ସମସ୍ତେ ସଚେତନ ରହିବା ଆବଶ୍ୟକ। ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ମ୍ୟାଚ୍ର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଟିକେଟ୍ କିଣାବିକା, ଦର୍ଶକ ମାନଙ୍କ ପାଇଁ ସୁବ୍ୟବସ୍ଥା, ନିରନ୍ତର ଲାଇଟିଙ୍ଗ ବ୍ୟବସ୍ଥା, ଷ୍ଟାଡିୟମ୍ର ଭିତ୍ତିଭୂମି ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ଏବଂ ଟ୍ରାଫିକ୍ ପରିଚାଳନା ଆଦି ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦିଲ୍ଲୀରେ ହୋଇଥିବା ବିସ୍ଫୋରଣ ପରିପ୍ରେକ୍ଷୀରେ ଏହି ଅନ୍ତର୍ଜାତୀୟ କ୍ରୀଡ଼ା ସମୟରେ ପୁଲିସ୍ ପ୍ରଶାସନ ପକ୍ଷରୁ ଲୋକଙ୍କ ସୁରକ୍ଷାପ୍ରତି ଏକ ଫୁଲ୍-ପ୍ରୁଫ୍ ବ୍ୟବସ୍ଥା କରାଯିବା ଆବଶ୍ୟକ। ଏଥିପାଇଁ ପୁଲିସ୍ ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅସୁସ୍ଥ ବ୍ୟକ୍ତି କିମ୍ବା ଅନ୍ୟାନ୍ୟ ଅସୁବିଧା ସ୍ଥଳରେ ଲୋକମାନଙ୍କୁ ନେବା ଆଣିବା ପାଇଁ ଏକ ସୁବ୍ୟବସ୍ଥିତ ଗ୍ରୀନ କରିଡର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ, ଭିଡ଼ ନିୟନ୍ତ୍ରଣ, ଟିକେଟ୍ ବିକ୍ରି, ଜରୁରୀ ଚିକିତ୍ସା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟଗୁଡ଼ିକୁ ଉପଯୁକ୍ତ ଭାବେ ତଦାରଖ କରି ନିର୍ଭୁଲ ଭାବେ ପରିଚାଳନା କରିବାକୁ ସେ ପରାମର୍ଶ ଦେଇଥିଲେ।

ବୈଠକର ସୂଚନା ଅନୁଯାୟୀ ପ୍ରତ୍ୟେକ ଷ୍ଟାଣ୍ଡର କ୍ଷମତା ଅନୁଯାୟୀ ସେଠାରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଦର୍ଶକଙ୍କୁ ବସିବା ପାଇଁ ବ୍ୟବସ୍ଥା କରାଯିବ। ମ୍ୟାଚ୍ ସମୟରେ ନିରନ୍ତର ଲାଇଟିଙ୍ଗ ବ୍ୟବସ୍ଥା ପାଇଁ ଅଧିକ ଜେନ୍ସେଟ୍ ଅଣାଯାଇଥିବା ବେଳେ ଏହାର ମନିଟରିଂ ପାଇଁ ନୂଆ ସଫ୍ଟୱେୟାର୍ ମଧ୍ୟ ଇନ୍ଷ୍ଟଲ କରାଯାଇଛି। ଗୋଟିଏ ଜେନ୍ସେଟ୍ ଫେଲ୍ ହେଲେ ତୁରନ୍ତ ଅନ୍ୟ ଗୋଟିଏ ଜେନ୍ସେଟ୍ ଚାଲୁ ହେବ ଏବଂ ଲାଇଟିଙ୍ଗ ବ୍ୟବସ୍ଥା ନିରନ୍ତର ଭାବେ ଜାରି ରହିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନୁଗୁଳ ବିଧାୟକ ତଥା ଓସିଏ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ସଭାପତି ପଙ୍କଜ ଲୋଚନ ମହାନ୍ତି, ଓଡିଶା କ୍ରିକେଟ୍ ଆସୋସିଏସନ୍ ସମ୍ପାଦକ ସଞ୍ଜୟ ବେହେରା, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ଶାସନ ସଚିବ, କଟକ-ଭୁବନେଶ୍ୱର ପୁଲିସ୍ କମିଶନର, କଟକ ଜିଲ୍ଲାପାଳ ଓ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ୨୧ରୁ ରାଜ୍ୟ ଟେବଲ୍ ଟେନିସ୍ ଚାମ୍ପିଅନ୍ଶିପ୍

କଟକ: ଓଡ଼ିଶା ଟେବଲ୍ ଟେନିସ୍ ଆସୋସିଏସନ୍ ଆନୁକୂଲ୍ୟରେ ଆସନ୍ତା ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ୩୧ତମ ଆନ୍ତଃଜିଲ୍ଲା ଓ ରାଜ୍ୟ ଟେବଲ୍ ଟେନିସ୍ ଚାମ୍ପିଅନ୍ଶିପ୍ ସ୍ଥାନୀୟ ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ଇନ୍ଡୋର ହଲ୍ରେ ଆୟୋଜିତ ହେବ। ପୂର୍ବରୁ ଆୟୋଜିତ ବିଭିନ୍ନ ର୍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ସହ ଏହି ଗୁରୁତ୍ୱପୂର୍ଣ୍ଣ ଚାମ୍ପିଅନ୍ଶିପ୍ର ପ୍ରଦର୍ଶନକୁ ଆଧାର କରି ବିଭିନ୍ନ ଜାତୀୟ ଟେବଲ୍ ଟେନିସ୍ ଚାମ୍ପିଅନ୍ଶିପ୍ ପାଇଁ ଓଡ଼ିଶା ସିନିୟର୍ ଏବଂ ବୟସ ବର୍ଗର ପୁରୁଷ-ମହିଳା, ବାଳକ-ବାଳିକ ଟିମ୍ ମନୋନୀତ କରାଯିବ। ଚାମ୍ପିଅପ୍ଶିପ୍ରେ ୧୫ଟି ଇଭେଣ୍ଟ ସାମିଲ ଥିବାବେଳେ କେବଳ ପୁରୁଷ ଓ ଜୁନିୟର୍ ବାଳକ ବିଭାଗରେ ଟିମ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ବ୍ୟତୀତ ସିନିୟର ପୁରୁଷ ଓ ମହିଳା, ଯୁବ ବାଳକ ଓ ବାଳିକା (୧୯ ବର୍ଷରୁ କମ୍), ଜୁନିୟର୍ ବାଳକ ଓ ବାଳିକା (୧୭ ବର୍ଷରୁ କମ୍), ସବ୍-ଜୁନିୟର୍ ବାଳକ ଓ ବାଳିକା (୧୫ ବର୍ଷରୁ କମ୍), କ୍ୟାଡେଟ୍ ବାଳକ ଓ ବାଳିକ (୧୩ ବର୍ଷରୁ କମ୍), ହୋପ୍ସ ବାଳକ ଓ ବାଳିକ (୧୧ ବର୍ଷରୁ କମ୍) ଏବଂ ଭେଟେରାନ୍ ବିଭାଗରେ ସିଙ୍ଗଲ୍ସ ଚାମ୍ପିଅନ୍ଶିପ୍ ଅନୁଷ୍ଠିତ ହେବ। ନଭେମ୍ବର ୧୭ ତାରିଖକୁ ଖେଳାଳିଙ୍କ ନାମ ପଠାଇବାକୁ ଶେଷ ତାରିଖ ରଖାଯାଇଛି। ଓଡ଼ିଶାର ଯେକୌଣସି ଜିଲ୍ଲା ଏବଂ ଅନୁଷ୍ଠାନର ଖେଳାଳି ଏଥିରେ ଭାଗ ନେଇପାରିବେ। ଏଥିପାଇଁ ସେମାନେ ଜିଲ୍ଲା ସଂଘ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ନଭେମ୍ବର ୧୭ ଦୁଦ୍ଧା ଇ-ମେଲ୍ (odishatt@gmail.com)କୁ ନାମ ପଠାଇପାରିବେ। ଯୋଗାଯୋଗ କରିବା ଠିକଣା - ଓଡ଼ିଶା ରାଜ୍ୟ ଟେବଲ୍ ଟେନିସ୍ ଆସୋସିଏସନ୍, ବାରବାଟୀ ଷ୍ଟାଡିୟମ୍, କଟକ।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email: mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**